ଧରିତ୍ରୀ
DHARITRI
March 29- April 4, 2026 ₹ 2/-

ଧରିତ୍ରୀ DHARITRI 52 Years

# ଛୁଟିଦିନ



# ସୋସିଆଲ ମିଡ଼ିଆ
# ହସ ବାଣ୍ଟୁଥିବା ମଣିଷ

ସୋସିଆଲ ମିଡିଆ ଖୋଲୁ ଖୋଲୁ ଆସିଯାଏ ଏମାନଙ୍କ ଭିଡିଓ। ଓଠରେ ଆପେ ଫୁଟି ଉଠେ ହସ। କିଛି ସମୟ ପାଇଁ ଭଭେଇଯାଏ ଯେତେସବୁ ଟେନ୍‌ସନ୍ ଓ ଷ୍ଟ୍ରେସ୍ । ଘରେ ଘରେ ପରିଚିତ ସୋସିଆଲ ମିଡ଼ିଆର ଏଇ ହସ ବାଣ୍ଟୁଥିବା ମଣିଷମାନେ ଏଥରର ପ୍ରଚ୍ଛଦରେ...

ପ୍ରଚ୍ଛଦ ପ୍ରସଙ୍ଗ ୩



## ବାସ୍ତୁ ଅନୁଯାୟୀ ମାଛ ପେଣ୍ଟିଂ

**ଘ**ର ସଜାଇବାକୁ କେହି କେହି କାନ୍ଥରେ ରଙ୍ଗୀନ ମାଛର ପେଣ୍ଟିଂ ଲଗାଇଥାନ୍ତି। କାରଣ ଏହି ପେଣ୍ଟିଂ ଆଖିକୁ ସୁନ୍ଦର ଦେଖାଯିବା ସହ ମନକୁ ଶାନ୍ତି ଦେଇଥାଏ। ଆଉ ଯଦି ବାସ୍ତୁ ଅନୁଯାୟୀ ଏହି ପେଣ୍ଟିଂକୁ ଲଗାଯାଏ ; ତା'ହେଲେ କ'ଣ ଶୁଭ ହୁଏ ଜାଣନ୍ତୁ ସେ ସମ୍ପର୍କରେ...

**✲ ୯ଟି ମାଛର ପେଣ୍ଟିଂ:** ବାସ୍ତୁଶାସ୍ତ୍ର ଅନୁଯାୟୀ, ୯ ସଂଖ୍ୟାକୁ ପୂର୍ଣ୍ଣତା ଓ ସୌଭାଗ୍ୟର ପ୍ରତୀକ ବୋଲି କୁହାଯାଏ। ତେଣୁ ୮ଟି ରଙ୍ଗୀନ ମାଛ ଓ ଗୋଟିଏ କଳା ମାଛକୁ ନେଇ ତିଆରି ହୋଇଥିବା ପେଣ୍ଟିଂକୁ ଲିଭିଂ ରୁମ୍‌ରେ ଲଗାଇବା ଶୁଭ ହୋଇଥାଏ। ରଙ୍ଗୀନ ମାଛ ସକରାତ୍ମକ ଉର୍ଜ୍ଜାକୁ ଆକର୍ଷିତ କରୁଥିବାବେଳେ କଳାମାଛ ନକରାତ୍ମକ ଶକ୍ତିକୁ ରୋକିଥାଏ।

**✲ କଳାଧଳା ମାଛର ପେଣ୍ଟିଂ:** ବୃତ୍ତାକାର ଜଳକୁଣ୍ଡ ମଧ୍ୟରେ ଗୋଟିଏ କଳା ଓ ଗୋଟିଏ ଧଳା ମାଛ ପହଁରୁଥିବାର ପେଣ୍ଟିଂକୁ ବେଡ୍‌ରୁମ୍‌ର ଦକ୍ଷିଣ-ପଶ୍ଚିମ କାନ୍ଥରେ ଲଗାଇଲେ ପତ୍ନୀପତିଙ୍କ ମଧ୍ୟରେ ସମ୍ପର୍କ ମଜଭୁତ୍ ହୋଇଥାଏ ବୋଲି ବିଶ୍ୱାସ।

**✲ ଜଳସ୍ରୋତର ବିପରୀତ ଦିଗରେ ପହଁରୁଥିବା ମାଛ:** କ୍ୟାରିୟର୍‌ରେ ସଫଳତା ପାଇବାକୁ ଚାହୁଁଥିଲେ ଜଳସ୍ରୋତର ବିପରୀତ ଦିଗରେ ପହଁରୁଥିବା ମାଛର ପେଣ୍ଟିଂକୁ ଅଫିସ୍ ହେଉ କି ପିଲାମାନଙ୍କ ଷ୍ଟଡିରୁମ୍‌ର ଉତ୍ତର ଦିଗର କାନ୍ଥରେ ଲଗାଇବା



ଶୁଭ ହୋଇଥାଏ। ଧ୍ୟାନ ଦେବେ ପହଁରୁଥିବା ମାଛଟି ଯେମିତି ହୃଷ୍ଟପୁଷ୍ଟ ଓ ଉର୍ଜ୍ଜାବାନ ଦେଖାଯାଉଥିବ, ଥକିଲା ଭଳି ଆଦୌ ଲାଗୁ ନଥିବ।

**✲ ବିଭିନ୍ନ ପ୍ରକାରର ମାଛ ଏକାଠି ପହଁରୁଥିବେ:** ଏହି ପେଣ୍ଟିଂ ଏକତାର କଥା କୁହେ। ପରିବାରରେ ଭିନ୍ନ ଭିନ୍ନ ମନୋଭାବର ବ୍ୟକ୍ତି ଏକାଠି ରହୁଥିଲେ ବି ସେମାନଙ୍କ ଭିତରେ ସମ୍ପର୍କ କେମିତି ମଜଭୁତ୍ ହେବ ଓ ସମସ୍ତେ ଖୁସିରେ ରହିବେ, ସେ ଦିଗରେ ଏହି ପେଣ୍ଟିଂର ବିଶେଷ ଭୂମିକା ରହିଛି ବୋଲି ବିଶ୍ୱାସ।

# କଳାଜାଇ କଥା

**କ**ଳାଜାଇ କେବଳ ନାରୀର ସୌନ୍ଦର୍ଯ୍ୟ ବୃଦ୍ଧି କରେନା ଏହା ଅନେକ ସମୟରେ ଆମକୁ ଶୁଭ, ଅଶୁଭର ସୂଚନା ମଧ୍ୟ ଦେଇଥାଏ। ଯେମିତିକି : ଯାହାଙ୍କ ନାକରେ କଳାଜାଇ ଥାଏ, ସେମାନେ ଖୁବ୍ ଭାଗ୍ୟଶାଳୀ ହୋଇଥାନ୍ତି ଓ ଜୀବନରେ ଉନ୍ନତି କରିଥାନ୍ତି। କଷ୍ଟ କରି ସଫଳତା ପାଇବାରେ ତାଙ୍କର ବିଶ୍ୱାସ ରହିଥାଏ। ସେଥିପାଇଁ ସମସ୍ତେ ତାଙ୍କୁ ଖୁବ୍ ଭଲ ପାଇଥାନ୍ତି। ଯେଉଁ ବ୍ୟକ୍ତିଙ୍କ ତାଳୁ ଉପରେ କଳାଜାଇ ଥାଏ ସେ ପୁରୁଷ ହୁଅନ୍ତୁ ଅବା ମହିଳା, ସେମାନେ ଧନବାନ୍, ପ୍ରତିଷ୍ଠିତ ହେବା ସହ ଜୀବନରେ ଖୁବ୍ ଲୋକପ୍ରିୟତା ହାସଲ କରିଥାନ୍ତି। କିନ୍ତୁ ତାଳୁକୁ ଛାଡ଼ି ମୁଣ୍ଡର ଅନ୍ୟ କେଉଁ ସ୍ଥାନ ଯେପରିକି ପଛପଟ ଅଥବା ମଥାର ଡାହାଣ ପଟେ କଳାଜାଇ ରହିବା ସେତେଟା ଶୁଭଫଳ ଦେଇ ନଥାଏ। ଏହି ସ୍ଥାନରେ କଳାଜାଇ ଥିବା ବ୍ୟକ୍ତିଙ୍କ ଜୀବନ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥାଏ ବୋଲି କୁହାଯାଏ। କାନ ଉପରେ କଳାଜାଇ ରହିବା ବୁଦ୍ଧିମାନ ତଥା ଚତୁରତାର ସଙ୍କେତ ଦେଇଥାଏ। ଯେଉଁମାନଙ୍କର ଏମିତି ଥାଏ ନିଜ ବୁଦ୍ଧି ବଳରେ ବହୁତ ଟଙ୍କା ଅର୍ଜନ କରିଥାନ୍ତି। କିନ୍ତୁ ସ୍ୱଭାବରେ ଏମାନେ ଖୁବ୍ ଖର୍ଚ୍ଚୀ ବି



ହୋଇଥାନ୍ତି। ମୁହଁର ବାମପଟେ କଳାଜାଇ ରହିବା ସେମିତି କିଛି ଶୁଭ ଫଳ ଦେଇ ନଥାଏ। ହେଲେ ମୁହଁର ଡାହାଣ ପଟେ କିମ୍ବା ମଝି ଭାଗରେ କଳାଜାଇ ରହିଥିବା ବ୍ୟକ୍ତିମାନେ ଖୁବ୍ ଭାଗ୍ୟଶାଳୀ ହୋଇଥାନ୍ତି। ସେହିପରି କୁହାଯାଏ, ଯାହାଙ୍କର ଡାହାଣ ପଟ ପତା ଉପରେ କଳାଜାଇ ଥାଏ, ସେ ଧାର୍ମିକ ସ୍ୱଭାବର ହୋଇଥାନ୍ତି। ଅନ୍ୟପକ୍ଷେ ଓଠ ଉପରେ କଳାଜାଇ ରହିବା ପ୍ରେମବିବାହକୁ ସୁଚାଇଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ମାର୍ଚ୍ଚ ୨୯ - ଏପ୍ରିଲ ୪, ୨୦୨୬**

**ମେଷ:** ସ୍ୱାସ୍ଥ୍ୟସମସ୍ୟା ଦେଖାଦେବ, ବିଳମ୍ବରେ କାର୍ଯ୍ୟସିଦ୍ଧି, ଖଳଲୋକଙ୍କ ସମାଲୋଚନା, ଉପରିସ୍ଥଙ୍କ ଆସ୍ଥାଭାଜନ, ସାହିତ୍ୟସାଧନାରୁ ପ୍ରଶଂସା, ସାମ୍ବାଦିକତାରେ ଗୌରବ, ଚଳଚ୍ଚିତ୍ରରେ ସୁନାମ, ଋଣ ପରିଶୋଧ କରିବେ ॥

**ବୃଷ:** ବୈଷୟିକ ସୁଖସମୃଦ୍ଧି, ବନ୍ଧୁ ପାଖେଇ ଆସିବେ, ଦୁର୍ଭାବନା ଦୂର ହେବ, ପ୍ରକାଶନରେ ବିଳମ୍ବ, ଯାତ୍ରା ସ୍ଥଗିତ ରହିପାରେ, ଅଜଣାବ୍ୟକ୍ତି ସହ କଳହ, ଆତ୍ମୀୟଙ୍କ ସାହାଯ୍ୟ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, କ୍ରୀଡାରେ ସଫଳତା, ସମସ୍ୟା ସମାଧାନ ॥

**ମିଥୁନ:** ବନ୍ଧୁଙ୍କ ସୌଜନ୍ୟତା, ପାରିବାରିକ ସୌହାର୍ଦ୍ଦ୍ୟ, ଖର୍ଚ୍ଚ ପରିମାଣ ବୃଦ୍ଧି, ଅସୁସ୍ଥ ମାନସିକତା, ସହକର୍ମୀଙ୍କ ଭୁଲ୍ ବୁଝାମଣା, ଭ୍ରାତୃସମ୍ପର୍କରେ ଉନ୍ନତି, ଯାନ୍ତ୍ରିକ ଜିନିଷ କ୍ରୟ, ସନ୍ତାନଙ୍କ କୃତିତ୍ୱ, କ୍ରନିକ୍ ରୋଗରେ ପୀଡା, ବିବାଦର ସମାଧାନ, ଧର୍ମକାର୍ଯ୍ୟ କରିବେ ॥

**କର୍କଟ:** ନିୟନ୍ତ୍ରିତ ସ୍ୱାସ୍ଥ୍ୟ ସମସ୍ୟା, ପଡୋଶୀଙ୍କ ସୌଜନ୍ୟତା, ଦୂରଯାତ୍ରା କରିପାରନ୍ତି, ବ୍ୟାଙ୍କ ଲୋନ୍ କରିପାରନ୍ତି, ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା, ସ୍ତ୍ରୀଙ୍କ ସୁପରାମର୍ଶ, ସ୍ଥିରତା ଫେରିଆସିବ, ବ୍ୟବସାୟିକ ସଫଳତା ॥

**ସିଂହ:** କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ଆର୍ଥିକ ଅଭିବୃଦ୍ଧି, କରଜଦାତାଙ୍କ ଚାପ, ନୂତନ ବନ୍ଧୁତ୍ୱ ସୃଷ୍ଟି, ଯୋଗ ସାଧନାରେ ରୁଚି, ମୂଲ୍ୟବାନ୍ ଜିନିଷ କ୍ରୟ, ସଭାସମିତିକୁ ନିମନ୍ତ୍ରଣ, ସମ୍ବର୍ଦ୍ଧିତ ହୋଇପାରନ୍ତି, ରାଜନୈତିକ ବିତର୍କ, ଅନୁସନ୍ଧାନରେ ସଫଳତା ॥

**କନ୍ୟା:** ନୂତନ କର୍ମାରମ୍ଭ, ପାରିବାରିକ ସହମତି, ବୃଥା ସନ୍ଦେହରୁ ମତାନ୍ତର, ମାନସିକ ଶାନ୍ତି, ଯାନବାହନରେ ତ୍ରୁଟି, ଗସ୍ତ କାର୍ଯ୍ୟକ୍ରମ ବାତିଲ୍, ବିବାଦୀୟ ପରିସ୍ଥିତି, ମଧ୍ୟସ୍ଥତା କରିପାରନ୍ତି, ସାଂସ୍କୃତିକ କାର୍ଯ୍ୟକ୍ଷମ, ବନ୍ଧୁମିଳନରୁ ଆନନ୍ଦ, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ ॥

**ତୁଳା:** ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ଆନୁସଙ୍ଗିକ ସହଯୋଗପ୍ରାପ୍ତି, ସମ୍ପର୍କୀୟଙ୍କ ସମାଲୋଚନା, ଉଚ୍ଚଶିକ୍ଷାର ସୁଯୋଗ, ସ୍ଥଗିତ କାର୍ଯ୍ୟର ସମୀକ୍ଷା, ବଜେଟ୍ ପ୍ରସ୍ତୁତ କରିପାରନ୍ତି, ପଡୋଶୀଙ୍କ ଅସହିଷ୍ଣୁତା, ମିଥ୍ୟାଭିଯୋଗ ଆସିପାରେ ॥

**ବିଛା:** ଅବହେଳାରୁ କର୍ମହାନୀ, କୈଫିୟତ୍ ତଲବ, ସହକର୍ମୀ ସହ ବାକ୍‌ଯୁଦ୍ଧ, ଶୁଭଖବର ପାଇବେ, ପ୍ରିୟବନ୍ଧୁ ଆସିପାରନ୍ତି, ପାରିବାରିକ ସମ୍ପର୍କ ମଧୁର ହେବ, ଏକାଧିକ କାମରେ ଅନୁପ୍ରବେଶ, ବ୍ୟସ୍ତତା ବୃଦ୍ଧି ପାଇବ, ପରିବହନରେ ଝଗଡ଼ା ॥

**ଧନୁ:** ଆଶାପୂରଣ ହେବ, ନୂତନ ଗୃହାରମ୍ଭ, ସୀମା ବିବାଦର ସମାଧାନ, ହିତୈଷୀଙ୍କ ପରାମର୍ଶ, ମନୋରଞ୍ଜନର ମଉକା, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା, ନୂତନ ମିତ୍ରତା ସୃଷ୍ଟି, କଠିନଶ୍ରମରୁ ସ୍ୱାସ୍ଥ୍ୟହାନୀ, ପରିସ୍ଥିତି ବଦଳିଯିବ, ଦର୍ଶନୀୟସ୍ଥାନ ଭ୍ରମଣ ॥

**ମକର:** ଆଶାବାଦୀ ହେବେ, ପ୍ରିୟଜନଙ୍କ ସାନ୍ନିଧ୍ୟପ୍ରାପ୍ତି, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ନିଷ୍ପତ୍ତି ବଦଳାଇପାରନ୍ତି, ଶେୟାରବଜାରରେ ଉନ୍ନତି, ମକଦ୍ଦମାର ଫଇସଲା, ମାଙ୍ଗଳିକ କାର୍ଯ୍ୟରେ ବାଧା, ଅର୍ଥନୈତିକ ଅଭିଯୋଗର ସାମନା, ନୂତନ ବନ୍ଧୁସମ୍ପର୍କ, ସାଂସ୍କୃତିକ କାର୍ଯ୍ୟକ୍ରମ ॥

**କୁମ୍ଭ:** ଆରୋଗ୍ୟ ଲାଭ, ମାନସିକ ଆଶ୍ୱସ୍ତି, ମିତ୍ରବନ୍ଧୁଙ୍କ ସମାଦର, ଆର୍ଥିକ ଅନଟନ, ଋଣଗ୍ରସ୍ତ ହୋଇପାରନ୍ତି, ପରୋକ୍ଷ ଶତ୍ରୁତାରୁ କଳହ, ଦୂରଯାତ୍ରାର ପ୍ରସ୍ତୁତି, ନିକଟ ସମ୍ପର୍କୀୟଙ୍କ ପରାମର୍ଶ, ବୃଥା ସନ୍ଦେହରୁ ବିବାଦ, ପ୍ରଶାସନିକ ଆଲୋଚନା, ଗବେଷଣାରେ ଅଗ୍ରଗତି ॥

**ମୀନ:** ଦୈହିକ ସୁସ୍ଥତା, ନୂଆ ସମ୍ପର୍କ ଯୋଡିବେ, ପାରିବାରିକ ଆଲୋଚନା, ହାତ ଖାଲି ରହିବନି, ନୈରାଶ୍ୟ ଦୂର ହେବ, ବଦଳି ସ୍ଥଗିତ ରହିବ, ଆଇନ ସହାୟତାପ୍ରାପ୍ତି, ଲେଖାପଢାରେ କୁଶଳ, କୌଶଳରେ କାର୍ଯ୍ୟହାସଲ, ସାହିତ୍ୟଚର୍ଚ୍ଚାରେ ଅନୁରାଗ ॥

## ପାଠକୀୟ

✲ ନିରୀହ ପକ୍ଷୀଙ୍କ ସମସ୍ୟା ଦେଖିଲେ ଏମାନଙ୍କ ଅନ୍ତର ଆତ୍ମା କାନ୍ଦି ଉଠେ। କାହାକୁ ଖାଇବାକୁ ଦିଅନ୍ତି ତ କାହା ପାଇଁ ଘର ତିଆରି କରିଦିଅନ୍ତି। ପୁଣି କିଏ ଅସୁସ୍ଥ ବା ଆଘାତପ୍ରାପ୍ତ ହେଲେ ତାକୁ ସଙ୍ଗେ ସଙ୍ଗେ ଚିକିତ୍ସା ବି ଯୋଗାଇ ଦିଅନ୍ତି। ପକ୍ଷୀଙ୍କ ପାଇଁ ଏମାନଙ୍କର ଭଲ ପାଇବା ଏମାନଙ୍କୁ ପକ୍ଷୀ ପ୍ରେମୀର ପରିଚୟ ଦେଇଛି। ତେଣୁ ଏଭଳି ଏକ ନିଆରା ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ମନଛୁଆଁ ହୋଇଥିଲା। *– ତପନ ମାଝୀ, ବଲାଙ୍ଗୀର*

✲ ଛୁଟିଦିନରେ ପ୍ରକାଶିତ 'ପକ୍ଷୀ ପ୍ରେମୀ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ମନଛୁଆଁ ହେବା ସହ ପ୍ରେରଣାଦାୟୀ ଥିଲା। 'ୱାଟର ଫାଉଣ୍ଟେନ ରଖୁଥିଲେ', 'କେଉଁ ଖାଦ୍ୟ ଖାଇବା ପରେ ପାଣି ପିଇବେନି' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଲିଫ୍ଟ' ଶୀର୍ଷକ ଗପଟି ମନଛୁଆଁ ହୋଇଥିଲା।

*– ରାହାସ ବିହାରୀ ମହାନ୍ତି, ଆଳି, କେନ୍ଦ୍ରାପଡ଼ା*

✲ ବ୍ୟକ୍ତିତ୍ୱ ପୃଷ୍ଠାରେ ସ୍ଥାନିତ ଶିଶୁ ସାହିତ୍ୟିକ ଡ. ଶରତ କୁମାର ବିଶ୍ୱାଳଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାର ସୁଯୋଗ ମିଳିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ଚାହିଁ ବସିଛନ୍ତି ଜାହ୍ନବୀ', 'ଜୁନ୍‌କୁ ଅପେକ୍ଷା' ଆଦି ପାଠ ମନଛୁଆଁ ହୋଇଥିଲା। ଲେଖକ ଓ ଅବସରପ୍ରାପ୍ତ କୃଷିବିତ୍ ଏକାଦଶୀ ନନ୍ଦୀଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ଥିଲା। *– ଝୁନୁ ବେହେରା, ରେଲୱେ କଲୋନି, ପୁରୀ*

✲ ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରେ ପ୍ରକାଶିତ ମେନ୍ସ ସମର ଫ୍ୟାଶନ ଲେଖାଟି ଗ୍ରୀଷ୍ମଋତୁ ପାଇଁ ବେଶ୍ ପ୍ରାସଙ୍ଗିକ ଏବଂ ସମୟୋଚିତ ହୋଇଛି। ଏଥିରେ ଟି-ଶାର୍ଟ, ପ୍ୟାଣ୍ଟ ଡିଜାଇନ ଓ ରଙ୍ଗର ଚୟନ ବିଷୟରେ ଦିଆଯାଇଥିବା ପରାମର୍ଶ ଯୁବପିଢ଼ିଙ୍କ ପାଇଁ ଖୁବ୍ ସହାୟକ ହେବ। ବିଶେଷକରି ଷ୍ଟାଇଲ ସହ ଆରାମଦାୟକ ଅନୁଭୂତିକୁ ଯେଭଳି ଗୁରୁତ୍ୱ ଦିଆଯାଇଛି, ତାହା ପ୍ରଶଂସନୀୟ।

*– ଅମ୍ରିତାଂଶୁ ମହାପାତ୍ର, ପ୍ରଭାତ ଲେନ୍, ଦଉତୋଟା, ପୁରୀ*

✲ ସହରଠୁ ଦୂର ପୃଷ୍ଠାରୁ 'ଦାଚିଗାମ ଜାତୀୟ ଉଦ୍ୟାନ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଏୟାରପୋର୍ଟ ଲଗେଜ୍ ଟ୍ୟାଗ୍ ଓ ସତର୍କତା' ଏବଂ ବ୍ୟାକପେଜ୍ ପୃଷ୍ଠାରେ ସ୍ଥାନିତ '୧୫୦୦୦ ଫୁଟ ଉପରେ ହୋଟେଲ', 'ଓଟଙ୍କୁ ପୁଣି ବୋଟକ୍ସ!', 'କାର୍ଡବୋର୍ଡ ଖାଉଥିବା ମଣିଷ' ଆଦି ପାଠ ତଥ୍ୟପୂର୍ଣ୍ଣ ହୋଇଥିଲା।

*– ସୁରେଶ ଦାଶ, ବ୍ରହ୍ମପୁର*

**ଛୁଟିଦିନ ପାଇଁ ଲେଖା ଓ ଚିଠି ପଠାଇବାର ଇ-ମେଲ୍ ଠିକଣା:**
chhutidinadharitri@gmail.com

## ବିଶେଷ ଚିଠି




**ଏ**ଥରର ପ୍ରଚ୍ଛଦରେ ଥିଲା ପକ୍ଷୀପ୍ରେମୀ
ମନଛୁଆଁ ହେବା ସହ ଥିଲା ସମାଜଧର୍ମୀ।
ବ୍ୟକ୍ତିତ୍ୱ ପୃଷ୍ଠା ବି ହୋଇଥିଲା ତଥ୍ୟପୂର୍ଣ୍ଣ
ମନ କିଣି ନେଉଥିଲା ପୁଣି ତୁମ ସୃଜନ।
ସିନେମା ପୃଷ୍ଠାଟି ଲାଗୁଥିଲା ଆକର୍ଷଣୀୟ
ମେନ୍ସ ସମର ଫ୍ୟାଶନ ବି ଥିଲା ଟିକେ ଭିନ୍ନ।
ଆଉ ବାକି ସବୁ ପୃଷ୍ଠା କଥା କ'ଣ କହିବି
ଛୁଟିଦିନକୁ ପ୍ରଶଂସା ନ କରି କେମିତି ରହିବି।

*– ସ୍ୱାଗତିକା ପଟ୍ଟନାୟକ, ଟାଙ୍ଗୀ, ଖୋର୍ଦ୍ଧା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ସୋସିଆଲ ମିଡିଆ
# ହସ ବାଣ୍ଟୁଥିବା ମଣିଷ



**ଆ**ଜିକାଲି ଷ୍ଟ୍ରେସ, ଟେନ୍‌ସନ୍ ଓ ଆଙ୍‌ଜାଇଟି ପାଲଟି ଯାଇଛି ମଣିଷର ସାଥୀ। ଫଳରେ ଓଠରୁ ଉଡି ଯାଉଛି ହସ। କପାଳରେ ଆସିଯାଉଛି କୁଞ୍ଚନ। ସୁଖିଲା ଦିଶୁଛି ମୁହଁ। ତେବେ ଏହିସବୁ ସମସ୍ୟାକୁ ଏବେ କିଛିକାଂଶରେ ଦୂର କରୁଛି ସୋସିଆଲ ମିଡିଆରେ ଆସୁଥିବା ହାସ୍ୟରସାତ୍ମକ ଭିଡିଓ। କମେଡି ଇନ୍‌ଫ୍ଲୁଏନ୍ସରମାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ଭିଡିଓ ଦେଖି ମଣିଷ କିଛି ସମୟ ପାଇଁ ଭୁଲି ଯାଉଛି ଯେତେସବୁ ଚାପ ଓ ଅବସାଦ। ମଜାଦାର ଭିଡିଓ କରି ଲୋକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇ ଓଡ଼ିଶାର ଘରେ ଘରେ ଲୋକପ୍ରିୟ ହୋଇଥିବା କେତେଜଣ କମେଡି ଇନ୍‌ଫ୍ଲୁଏନ୍ସରଙ୍କ କଥା ଏଥରର ପ୍ରଚ୍ଛଦରେ...

**ସମସ୍ତଙ୍କ ସାହାଯ୍ୟ ସହଯୋଗରେ ହେଲି ଭାଇନା ଅଫ୍ ବ୍ରହ୍ମପୁର:** ସତ୍ୟ ନାରାୟଣ ଦାସ କହିଲେ ହୁଏତ କେହି ଜାଣିପାରିବେନି, ହେଲେ ଭାଇନା ଅଫ୍ ବ୍ରହ୍ମପୁର କହିଲେ ସମସ୍ତେ ଜାଣିଯିବେ ସେ କିଏ ବୋଲି। କାରଣ ତାଙ୍କର ପାରିବାରିକ କମେଡି ଭିଡିଓ ଆଜିକାଲି ସୋସିଆଲ ମିଡିଆରେ ଛାଇ ରହୁଛି। ଖାଣ୍ଟି ବ୍ରହ୍ମପୁରୀ ଭାଷାର ଏଇ ମଜାଦାର ଭିଡିଓ ଦେଖି ଲୋକେ କିଛି ସମୟ ପାଇଁ ନିଜର ସବୁ ଟେନ୍‌ସନ୍ ଭୁଲି ଯାଇ ମନ ଖୋଲି ହସୁଛନ୍ତି। ଏହି ହସ ବାଣ୍ଟିବାର ଯାତ୍ରାର ସମ୍ପର୍କରେ ସତ୍ୟ ନାରାୟଣ କୁହନ୍ତି, 'ଏମ୍‌ବିଏ ପଢିଲାବେଳେ ଡିଜିଟାଲ ମାର୍କେଟିଂରେ ସ୍ପେଶିଆଲାଇଜେଶନ୍ କରୁଥିଲି। ସେତେବେଳେ ଜାଣିଲି ଡିଜିଟାଲ ମାର୍କେଟିଂ ଏକ ବଡ଼ ପ୍ଲାଟଫର୍ମ। ଆଉ ନିଷ୍ପତ୍ତି ନେଲି ସୋସିଆଲ ମିଡିଆରେ ପ୍ରବେଶ କରିବି ବୋଲି। ଏହାର ବହୁପୂର୍ବରୁ ସୁନୀଲ ଭାଇ(ମାଉସୀପୁଅ ଭାଇ), ହରି ଭାଇ, ଶ୍ରୀଧର ଭାଇ ଆଦି ଟିମ୍ କରି ଛୋଟମୋଟ ଭିଡିଓ କରୁଥିଲେ। ଭାବିଲି ମୁଣ୍ଡ ଖଟେଇ ଭଲ କନ୍‌ସେପ୍ଟ ନେଇ ଭାଇମାନଙ୍କ ସହ ମିଶି ବିଧିବଦ୍ଧଭାବେ ଭିଡିଓ କରିବା ଆରମ୍ଭ କରିବି। କାରଣ ଏବେ ଏହା ରୋଜଗାରର ଏକ ଭଲ ମାଧ୍ୟମ। ରଶ୍ମି ନାନୀ ମୋ ସହ ଏମ୍‌ବିଏ କରୁଥିଲେ ଓ ତାଙ୍କ ସାଙ୍ଗ ଥିଲେ ସୁକନ୍ୟା ନାନୀ। ଦୁହେଁ ଆମ ସହ ସାମିଲ ହେଲେ। ଆଉ ଆରମ୍ଭ ହେଲା ପାରିବାରିକ ଫନି ଭିଡିଓର ଧାରା। ପ୍ରତି ପରିବାରର ଘଟଣାକୁ ମଜାଦାର ଶୈଳୀରେ ଉପସ୍ଥାପନ କରି ସୋସିଆଲ ମିଡିଆରେ ଅପ୍‌ଲୋଡ କଲୁ। ଲୋକମାନେ ବହୁତ ପସନ୍ଦ କଲେ। ଲୋକପ୍ରିୟତା ବଢିଲା। ଆମେ ସମସ୍ତେ ଗୋଟିଏ ପରିବାର ହୋଇ କାମ କଲୁ। ଦୁଇ ଭଉଣୀଙ୍କ ସ୍ୱାମୀ ଓ ପିଲାମାନେ ବି ଖୁସିରେ ଭିଡିଓରେ ସାମିଲ ହେଲେ। ଏମିତିକି ବଡ଼ମା'(ବଡ଼ ମାଉସୀ), ବଡ଼ବାପା(ବଡ଼ ମଉସା) ବି ଖୁସିରେ ମା' ଓ ବାପା ଭୂମିକାରେ ଅଭିନୟ କଲେ। ବଡ଼ ମା' ଆଗରୁ ସିରିୟଲରେ ଅଭିନୟ କରିଥିଲେ। ତେଣୁ ତାଙ୍କର ଅଭିନୟରେ କିଛିଟା ଅଭିଜ୍ଞତା ଥିଲା। ମୋର ଏଇ ପରିବାରରେ ସମସ୍ତେ ରକ୍ତ ସମ୍ପର୍କୀୟ ନ ହେଲେ ବି ସମସ୍ତେ ରକ୍ତ ସମ୍ପର୍କଠୁ ଖୁବ୍ ଉର୍ଦ୍ଧ୍ୱରେ। ପରେ ଆମର ଏଇ ପରିବାରରେ ସାମିଲ ହେଲେ ଅଙ୍କିତା ଦାଶ। ସେ ମୋ ସ୍ତ୍ରୀ ଭୂମିକାରେ ଅଭିନୟ କଲେ। ଆମ କେମେଷ୍ଟ୍ରିକୁ ଦର୍ଶକ ବହୁତ ପସନ୍ଦ କରୁଛନ୍ତି। ତିନି ବର୍ଷ ତଳେ ଚ୍ୟାନେଲ କରିଥିଲି। ବର୍ଷକ ପରେ ଚ୍ୟାନେଲ ମନେଟାଇଜ୍ ହେଲା। ଏବେ ଭଲ ରୋଜଗାର ହେଉଛି। ପରିବାରର ସବୁ ସଦସ୍ୟଙ୍କର ନିଜସ୍ୱ ଗୋଟେ ଗୋଟେ ଚ୍ୟାନେଲ ଅଛି। ସମସ୍ତେ ସମସ୍ତଙ୍କ ଚ୍ୟାନେଲ ପାଇଁ ଭିଡିଓ ପ୍ରସ୍ତୁତିରେ ସାହାଯ୍ୟ କରନ୍ତି। ଆମ ଭିତରେ ଭଲ ପାଇବା  ସହ ଭଲ ବୁଝାମଣା ବି ଅଛି। ଭିଡିଓ ପ୍ରସ୍ତୁତିର ପୂରା ପ୍ରୋସେସ୍‌ରେ ମୁଁ କେବଳ ସ୍କ୍ରିପ୍ଟ ତିଆରି କରେ। ଭାଇମାନେ ଶୁଟିଂ ଲୋକେଶନ୍ ଠିକ୍ କରିବା ସହ ଭିଡିଓକୁ ଏଡିଟ୍ କରିବା, ପୋଷ୍ଟ କରିବା, କ୍ଲାଏଣ୍ଟ ଡିଲିଂ ଆଦି ଅନ୍ୟ ସବୁ କଥା ବୁଝନ୍ତି। ମୁଁ ବେଶି ସମୟ ଦେଇପାରେନା। କାରଣ ମୁଁ ସିଭିଲ ସର୍ଭିସ୍ ପରୀକ୍ଷା ପାଇଁ ପ୍ରିପେୟାର ହେଉଛି। ସମସ୍ତେ ଏକଥା ଭଲଭାବେ ବୁଝନ୍ତି। ଖାଲି ଏବେ ନୁହେଁ ବହୁ ଆଗରୁ ବି ସେମାନେ ମତେ ସାହାଯ୍ୟ ଓ ସହଯୋଗ କରି ଆସିଛନ୍ତି। ମୋ ବାପା ଶୈଳେନ୍ଦ୍ର ନାରାୟଣ ଦାସ ଥିଲେ ଜଣେ ବ୍ୟବସାୟୀ। ମୁଁ ଯୁକ୍ତ ତିନ୩ ରେ ପଢିଲାବେଳେ ଗଲବ୍ଲାଡର କ୍ୟାନ୍ସରରେ ତାଙ୍କର ମୃତ୍ୟୁ ହେଇଗଲା। ବାପାଙ୍କ ସମ୍ପର୍କୀୟ ମୁହଁ ମୋଡି ଦେଇଥିଲେ। କେହି କିଛି ସାହାଯ୍ୟ କଲେନି। ମା'ସୁପ୍ରଭାଙ୍କ ଦେହ ଭଲ ରହୁ ନ ଥିଲା। ବାଧ ହୋଇ ଛୋଟିଆ ଚାକିରିଟିଏ କରି ଘର ସହ ମା'ଙ୍କୁ ସମ୍ଭାଳୁଥିଲି। ଏଇ ସମୟରେ ହିଁ ମୋର ଏଇ ପରିବାର ଅର୍ଥାତ୍ ମା' ଭୂମିକାରେ ଅଭିନୟ କରୁଥିବା ମୋ ବଡ଼ ମା, ବାପା ଭୂମିକାରେ ଅଭିନୟ କରୁଥିବା ବଡ଼ ବାପା, ସୁନୀଲ ଭାଇ(ମାଉସୀ ପୁଅ) ସମେତ ମାଉସୀ ପୁଅ ଭାଇର ସାଙ୍ଗମାନେ ମତେ ବହୁତ ସାହାଯ୍ୟ କଲେ। ଗ୍ରାଜୁଏଶନ୍ କରିବାର ସବୁ ଖର୍ଚ୍ଚ ସୁନୀଲ ଭାଇ, ଶ୍ରୀଧର ଭାଇ ଉଠେଇଥିଲେ। ରକି ଭାଇ ଯେକି ଏଲ୍‌ଆଇସିରେ ଡେଭଲପମେଣ୍ଟ ଅଫିସର୍ ଅଛନ୍ତି ସେ ମୋ ଏମ୍‌ବିଏ ପଢାର ଖର୍ଚ୍ଚ ଉଠେଇଲେ। ଏହାବାଦ ମୋର ଜଣେ ସାର୍ ରାମନାଥ ସାର୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପଢିବାବେଳେ ସାହାଯ୍ୟ କରିଥିଲେ। ଫଳରେ ଦୁଇଟା ପେପର୍ କ୍ଲିୟର୍ କରିପାରିଥିଲି। ଏଯାଏ ମୁଁ ଯାହା ବି ସଫଳତା ପାଇଛି ତାହା ସମସ୍ତଙ୍କ ଭଲ ପାଇବା ଓ ସାହାଯ୍ୟ ପାଇଁ ସମ୍ଭବ ହୋଇପାରିଛି। ଇନ୍‌ଷ୍ଟାଗ୍ରାମରେ ଏବେ ମୋର ୩୦୪ ହଜାର ଫଲୋୟର, ଫେସ୍‌ବୁକ୍‌ରେ ୩୧୬ହଜାର ଫଲୋୟର ଓ ୟୁଟ୍ୟୁବ୍‌ରେ ୫୯୧ହଜାର ସବସ୍କ୍ରାଇବର ଅଛନ୍ତି।'

**ହଜିଯାଇଥିବା ଆତ୍ମବିଶ୍ୱାସକୁ ଫେରିପାଇଲି :** ଚୁଟିକୁ ଚିପି ଚାପି କୁଣ୍ଡେଇ, କପାଳରେ ବଡ଼ ବିନ୍ଦି ଲଗେଇ, ଗାଉଁଲି ଢଙ୍ଗରେ ଶାଢି ପିନ୍ଧି ପୁରାପୁରି ଗାଉଁଲି ଢଙ୍ଗରେ ଗାଁର କଥାକୁ ମଜାଦାର ଢଙ୍ଗରେ ସେ ଉପସ୍ଥାପନ କରନ୍ତି। ଦର୍ଶକଙ୍କ ମୁହଁରେ ହସ ଫୁଟାନ୍ତି। ଦିନେ ଥିଲେ ଛୋଟ ପରଦାର ଅଭିନେତ୍ରୀ ଏବେ ସେ ସୋସିଆଲ ମିଡ଼ିଆରେ ମନ ଜିଣୁଛନ୍ତି। ସେ ହେଉଛନ୍ତି **ଅଞ୍ଜଳି ପଣ୍ଡା**। ସେ କୁହନ୍ତି, 'ବୋଧହୁଏ ଅଭିନୟ କରିବା ମୋ ଭାଗ୍ୟରେ ଥିଲା। ପିଲାଦିନୁ ନୃତ୍ୟ ପ୍ରତି ଆଗ୍ରହ ଥିଲା ତେଣୁ ମୁଁ ସଙ୍ଗୀତ ମହାବିଦ୍ୟାଳୟରେ ଓଡ଼ିଶୀ ନୃତ୍ୟରେ ପାଠ୍ୟକ୍ରମ କରିବାକୁ ଯାଇଥିଲି। ହେଲେ ଭାଗ୍ୟମତେ ଡ୍ରାମା ବିଭାଗକୁ ଯିବାକୁ ବାଧ କରିଥିଲା। ଆଉ ସେଠି ଜଏନ୍ ହେବାର ମାତ୍ର ୧୫-୨୦ ଦିନରେ ମତେ ଲୋଫର୍ ଫିଲ୍ମରେ କାମ କରିବାର ଅଫର୍ ମିଳିଲା। ମା' ବାପା ସମ୍ପୂର୍ଣ୍ଣଭାବେ ସପୋର୍ଟ କଲେ। ଆଉ ଆରମ୍ଭ ହେଲା ମୋ ଅଭିନୟର ଯାତ୍ରା। ପରେ ଡକ୍ଟର ଏମ୍‌ବିବିଏସ୍ ସିରିୟଲ, ଡିଡି ୧ର ଦୁଇ ତିନିଟା ସିରିୟଲ, ଆହୁତି, ବଡ଼ ଘର ବଡ଼ ଗୁମର କଥା, ସାହାନାଇ, ପରୀ, ଗଡ଼ବଡ଼, ସିନ୍ଦୂରର ଅଧିକାର, ପୁଣି ଗଡ଼ବଡ଼ ଆଦି ସିରିୟଲରେ ଅଭିନୟ କଲି। ତା' ସହ ପ୍ରାୟ ୪୦୦ଟି ଥିଏଟରରେ ବି ଅଭିନୟ କଲି। ଅଭିନୟ ମୋ ନିଶା ପାଲଟି ଗଲା। ତାକୁ ଛାଡି ଜିଇବା କଥା ଭାବିପାରୁ ନ ଥାଏ। ହେଲେ ୨୦୧୧ ମସିହାରେ ଯେବେ ମୁଁ ଗର୍ଭବତୀ ହେଲି, ବାଧ ହୋଇ ସିରିୟଲ ଛାଡିଲି। ପୁଅ ହେବା ପରେ ମୋ ଭିତରର ଆତ୍ମବିଶ୍ୱାସ କମି ଯାଇଥାଏ। ଲାଗୁଥାଏ ଆଉ କିଛି କରିପାରିବିନି। ଏତିକିବେଳେ ମୋ ସ୍ୱାମୀ ଦୀପକ ରଞ୍ଜନ ଦାଶ ଯେକି ନିଜେ ଜଣେ କମେଡି ଇନ୍‌ଫ୍ଲୁଏନ୍ସର(ପାଗା ଭାଇ) ମତେ ଏକ ୟୁଟ୍ୟୁବ ଚ୍ୟାନେଲ ଖୋଲି ଭିଡ଼ିଓ କରିବାକୁ କହିଲେ।  ତାଙ୍କରି ପ୍ରେରଣାରେ ମୁଁ ନୂଆ କରି ଆରମ୍ଭ କଲି। ନିଜକୁ ପୁଣିଥରେ ଗଢିବାକୁ ଚେଷ୍ଟା କଲି। ଆଉ ଆରମ୍ଭ କଲି ଭ୍ଲଗିଂ କରିବା। ତିନି ମାସରେ ଚ୍ୟାନେଲ ମନେଟାଇଜ୍ ହୋଇଗଲା। →







ସତ୍ୟନାରାୟଣ–ଅଙ୍କିତା



ଭାଇନା ଅଫ୍ ବ୍ରହ୍ମପୁରଙ୍କ ପରିବାର

ଏମିତି ଗୋଟେ ବର୍ଷ ଭ୍ଲଗିଂ କଲି । ହେଲେ ଆତ୍ମସନ୍ତୁଷ୍ଟି ମିଳୁ ନ ଥିଲା । ଲାଗୁଥିଲା କିଛି ଗୋଟେ ଅଭାବ ରହିଯାଉଛି । କ'ଣ କରିବି ଭାବି ଭାବି ଶେଷରେ ନିଷ୍ପତ୍ତି ନେଲି, ଅଭିନୟ ତ ଆସୁଛି । ସ୍କ୍ରିପ୍ଟ ବି ପ୍ରସ୍ତୁତ କରିପାରିବି । ତେଣୁ ୨୦୨୩ରୁ ଛୋଟ ଛୋଟ କନସେପ୍ଟ ନେଇ ମଜାଦାର ଭିଡିଓ କରିବା ଆରମ୍ଭ କଲି । ସକାଳର ସବୁ କାମ ସାରିବା ପରେ ଦ୍ୱିପ୍ରହରରେ ପୁଅ ଶୋଇପଡିବା ପରେ ମନରେ ଭାବି ରଖିଥିବା କନସେପ୍ଟକୁ ନେଇ ମୋବାଇଲ ଓ ଟ୍ରାଇପଡ ସାହାଯ୍ୟରେ ଭିଡିଓ କଲି । ଫୋନ୍‌ରେ ହିଁ ଏଡିଟିଂ କଲି । ଯେତେ ଯାହା ଅସୁବିଧା ହେଲେ ବି ଚେଷ୍ଟା କଲି ସମୟ ବାହାର କରି ଯେମିତି ବି ହେଉ ପ୍ରତିଦିନ ଭିଡିଓ କରି ୟୁଟ୍ୟୁବ୍‌ରେ ଅପ୍‌ଲୋଡ କରିବି । ଧୀରେ ଧୀରେ ଲୋକଙ୍କଠାରୁ ଭଲ ରେସପନ୍ସ ମିଳିଲା । କନଫିଡେନ୍ସ ବଢିଲା । ଫ୍ରଷ୍ଟ୍ରେଶନ୍‌ରୁ ବାହାରିଲି । ମୋ ଭିତରେ ଯେ, ଏବେ ବି ଅଭିନୟର ଦକ୍ଷତା ଭରି ରହିଛି ଅନୁଭବ କରିପାରିଲି । ୨୦୧୦ରୁ ୨୦୨୧ ଯାଏ ଇଣ୍ଡଷ୍ଟ୍ରିରେ କାମ କରିବା ବେଳେ ଯେତିକି ପରିଚିତି ମିଳି ନ ଥିଲା ତା'ଠୁ ଅଧିକ ମିଳିଲା ସୋସିଆଲ ମିଡିଆରେ । ଯେଉଁମାନେ ଧୀରେ ଧୀରେ ମତେ ଭୁଲିବାକୁ ବସିଥିଲେ ସେମାନେ ପୁଣି ମତେ ଚିହ୍ନିଲେ । ଭଲ ଭଲ କମେଣ୍ଟ ଆସିଲା । ଥରେ ତ ଜଣେ ଝିଅ ମତେ କମେଣ୍ଟ କରିଥିଲେ–'ମୋର ଏକ ମେଜର ଅପରେଶନ୍ ହେଇଛି । ମୁଁ ହସ୍ପିଟାଲରେ ଅଛି । ଆପଣଙ୍କ ଭିଡିଓ ଦେଖି ଅନେକ ଦିନ ପରେ ହସିଲି । ମୋ ପରିବାର ଲୋକ ବି ବହୁତ ହସିଲେ । ସେଥିପାଇଁ ବହୁତ ଧନ୍ୟବାଦ ।' ଏମିତି କମେଣ୍ଟ ମତେ ଆଗକୁ ବଢିବାକୁ ପ୍ରେରଣା ଦେଲା । ଆଉ ଏକ କଥା ମୋ ଶ୍ୱଶୁର ମୋର ଜଣେ ବଡ଼ ପ୍ରଶଂସକ । ଭିଡିଓ ନ କଲେ ସେ କୁହନ୍ତି କାହିଁକି କରୁନୁ । କାରଣ ସେ ନିଜେ ଜଣେ ପାଲା ଓ ଯାତ୍ରା କଳାକାର । ବାହାଘର ପୂର୍ବରୁ ବି ସେ ମୋ ଅଭିନୟର ଫ୍ୟାନ ଥିଲେ । ତେଣୁ ମଜାଦାର ଭିଡିଓ କରି ଚାଲିଲି । ହେଲେ ପୁଅ ପାଇଁ ମୁଁ ସୋସିଆଲ ମିଡିଆରେ ଟିକେ ଅଧିକ ଆକ୍ଟିଭ ରହିପାରୁନି । ଛୋଟ ଥିବାରୁ ତାକୁ ଅଧିକ ସମୟ ଦେବାକୁ ପଡୁଛି । ତଥାପି ସମୟ ବାହାର କରି ଯେମିତି ବି ହେଉ ଭିଡିଓ କରେ । କାରଣ ଦର୍ଶକଙ୍କୁ ବାନ୍ଧି ରଖିବାକୁ ହେଲେ ପ୍ରତିଦିନ ଭିଡିଓ ଅପଲୋଡ କରିବା ନିହାତି ଜରୁରୀ । ଫେସ୍‌ବୁକ୍‌ରେ ମୋର ଏବେ ୧୨୧ହଜାର ଫଲୋୟର ଥିବାବେଳେ ଇନ୍‌ଷ୍ଟାଗ୍ରାମରେ ୬୯.୭ ହଜାର ଫଲୋୟର ଓ ୟୁଟ୍ୟୁବ୍‌ରେ ୮୧.୨ହଜାର ସବସ୍କ୍ରାଇବର୍ ଅଛନ୍ତି । ଫେସ୍‌ବୁକ୍, ୟୁଟ୍ୟୁବ୍‌କୁ ମିଶେଇ କି ମୋର ପ୍ରାୟ ୩୦,୦୦୦ଟଙ୍କା ରୋଜଗାର ହେଉଛି । ବ୍ରାଣ୍ଡ କୋଲାବ କଲେ ଅଧିକ ରୋଜଗାର ହୁଏ । ମୁଁ ଇମୋଶନାଲ ସିନ୍ ବି ଭଲ କରିପାରେ । ସେଥିପାଇଁ ଆଉ ଏକ ଚ୍ୟାନେଲ କରିବି ବୋଲି ଭାବିଛି ।



ଅଞ୍ଜଳି ପଣ୍ଡା

**ଗାଇବାର ସ୍ୱପ୍ନ ପୂରଣ ହେଲା କମେଡି ଇନ୍‌ଫ୍ଲୁଏନ୍ସର ହେବାପରେ :** କିଏ ତାଙ୍କୁ ଓଡ଼ିଶାର ଭାରତୀ ସିଂ କୁହନ୍ତି, ତ ଆଉ କିଏ କହନ୍ତି ସୋସିଆଲ ମିଡିଆର କମେଡି କୁଇନ୍ । ସେ ହେଉଛନ୍ତି **କ୍ରିଷ୍ଣା ରାଉତ** । କେବେ ଗାଉଁଲି କଳେହି ସ୍ତ୍ରୀ ଲୋକ ତ କେବେ ଶାଶୁ ପୁଣି କେବେ ଦେଢ଼ଶୁର । ଆଉ କେବେ ମେଳାରେ ବୁଲୁଥିବା ବାତରା ଟୋକାର ଭୂମିକାକୁ ସେ ଏତେ ଜୀବନ୍ତ ଭାବେ ଓ ମଜାଦାର ଢଙ୍ଗରେ ଉପସ୍ଥାପନା କରନ୍ତି ଯେ, ଲୋକେ ତାଙ୍କ ଭିଡିଓରୁ ଆଖି ହଟାଇ ପାରନ୍ତି ନାହିଁ । ଗାଉଁଲି ଭାଷା, ଗାଉଁଲି ବେଶଭୂଷା ସାଙ୍ଗକୁ ଗାଁ କଥାର ଏକ ମଜାଦାର ମିଶ୍ରଣ ଦେଖିବାକୁ ମିଳେ ତାଙ୍କ ଭିଡିଓରେ । ଆଉ ଏଇ ଭିଡିଓରେ ତାଙ୍କ ସହ ଯୋଗ ଦେଇ ଭିଡିଓକୁ ସରସ ସୁନ୍ଦର କରାନ୍ତି ତାଙ୍କର ବଡ଼ ଭଉଣୀ ରାଧେ(ଶିବାନୀ) ଓ ସାନ ଭାଇ କାହ୍ନା । ଅଭିନୟରେ କେହି କାହାକୁ କମ୍ ନୁହନ୍ତି । ଫଳରେ ତାଙ୍କ ଭିଡିଓର ଅଛନ୍ତି ମିଲିୟନ ମିଲିୟନ ଭ୍ୟୁୟର । କ୍ରିଷ୍ଣା କୁହନ୍ତି, 'ବାପା ଦିଗମ୍ବର ରାଉତ ନଅ ତାଲାରେ ସରକାରୀ ଚାକିରି କରନ୍ତି । ମା' କାଞ୍ଚନ କୁମାରୀ ରାଉତ ଗୃହିଣୀ । ଆମେ ତିନି ଭାଇ ଭଉଣୀ । ଛୋଟବେଳୁ ମୋର ସଙ୍ଗୀତ ପ୍ରତି ବେଶି ଭଲ ପାଇବା ଥିଲା । ତେଣୁ କଳା ବିକାଶ କେନ୍ଦ୍ରରେ ଓଡ଼ିଶୀ ସଙ୍ଗୀତ ଶିଖୁଥିଲି । ବଡ଼ ଭଉଣୀ ଓଡ଼ିଶୀ ନୃତ୍ୟ ଓ କାହ୍ନା ତବଲା ଶିଖୁଥିଲା । ହେଲେ ଝିଅ ହୋଇ ଷ୍ଟେଜ୍‌ରେ ନାଚିବାକୁ ଘରେ ପସନ୍ଦ ନ କରିବାରୁ ଦିଦିର ନାଚ ବନ୍ଦ ହୋଇଗଲା । ଆଉ କାହ୍ନା ଏତେ ଦୁଷ୍ଟ ଥିଲା ଯେ, ତବଲା ସାର୍‌ଙ୍କ ଉପରକୁ ଖାତା ଫିଙ୍ଗୁଥିଲା । ତେଣୁ ତା'ର ତବଲା ଶିଖା ବନ୍ଦ ହେଲା । ମୋର କିନ୍ତୁ ଗୀତ ଚାଲିଥିଲା । ମାମା ବାପା ଅନେକ ଷ୍ଟେଜ୍‌କୁ ନେଇକି ଗାଇବାର ସୁଯୋଗ ଦେଉଥିଲେ । ଗାୟିକା ହେବାର ଝୁଙ୍କ ମତେ ଏତେ ଘାରିଥିଲା ଯେ, ନିଜ ହାତରୁ ଖର୍ଚ୍ଚ କରି ଗୀତ ଗାଇ ମାର୍କେଟ୍‌ରେ ଛାଡିବାକୁ ଅନେକ ଚେଷ୍ଟା କରିଛି । ଏମିତିରେ ଅନେକ ଫ୍ରଡ୍‌ଙ୍କ ହାବୁଡ଼ରେ ବି ପଡ଼ିଛି । ଷ୍ଟୁଡିଓରେ ହେଡଫୋନ୍ ଲଗେଇ ଖାଲି ଫଟୋ ଉଠେଇବି ବୋଲି ଆମଘରୁ ବାରପଥର ସାଇକେଲିଂ କରି ଟି. ସୌରୀ ସାର୍‌ଙ୍କ ଷ୍ଟୁଡିଓ ଯାଇଥିଲି । ଗୀତ ବୋଲେଇ ଦବୁ କହି କେହି କେହି ଖରାପ ବ୍ୟବହାର କରିଛନ୍ତି । ଇନ୍‌ଡାଇରେକ୍ଟଲି କମ୍ପ୍ରମାଇଜ୍ କରିବାକୁ ବି କହିଛନ୍ତି । ଫଳରେ ଧୀରେ ଧୀରେ ସଙ୍ଗୀତଠୁ ଦୂରେଇଗଲି । ମୁଁ ଷ୍ଟେଟ ଲେଭଲ ଜାଭେଲିନ୍ ପ୍ଲେୟର ବି ଥିଲି । ଖାଲି ଗୀତ ନୁହେଁ ପିଲାଦିନୁ ଅଭିନୟ ପ୍ରତି ବି ରୁଚି ଥିଲା । ସ୍କୁଲରେ ଗଣେଶ ଜନ୍ମ ଗୀତିନାଟ୍ୟରେ ମୁଁ ଗଣେଶ ହୋଇଥିଲି । ସେକେଣ୍ଡାରୀ ବୋର୍ଡ ହାଇସ୍କୁଲରେ ପଢିଲାପରେ କଟକର କଲେଜ ଅଫ ନର୍ସିଂରେ ବିଏସ୍‌ସି ନର୍ସିଂ କଲି । ଏବେ ସଦ୍‌ଗୁରୁ କଲେଜ ଅଫ୍ ନର୍ସିଂରେ ନର୍ସିଂ ଟ୍ୟୁଟର ଅଛି । ଦିଦି ବ୍ରହ୍ମପୁର ଏମ୍‌କେସିଜିରେ ସାଇକିଆଟ୍ରିକ୍ ବିଭାଗରେ ଏମ୍‌ଏସ୍‌ସି ନର୍ସିଂ କରୁଛି । ତା'ର ସେକେଣ୍ଡ ଇୟର । କାହ୍ନା ଜିଏନ୍‌ଏମ୍ କରୁଛି । ଏଇ ନର୍ସିଂ ପଢିବାବେଳେ ମୋ ଭିତରର ଅଭିନୟ ଦକ୍ଷତା ଅଧିକ ବିକଶିତ ହୋଇଥିଲା । କାରଣ ବିଭିନ୍ନ ପ୍ରକାରର ଡେ' ପାଇଁ ମାସକୁ ୨–୩ଟି ରୋଲ ପ୍ଲେ ହେଉଥିଲା । ଆଉ ସବୁ ପ୍ଲେରେ ମୁଁ ଲିଡ୍ ନେଉଥିଲି । ମୋରି ସ୍କ୍ରିପ୍ଟରେ ପ୍ଲେ ହେଉଥିଲା । ପଢା ସରିବାପରେ ଘରକୁ ଚାଲିଆସିଲି । ସେତେବେଳେ କାହ୍ନା ଭିଡିଓ କରୁଥାଏ । ତା'ସହ ମିଶି ଅଳ୍ପ ଅଳ୍ପ ଭିଡିଓ କଲି । ୨୦୨୪ ରଜ ବେଳକୁ ମୁଁ ନିଜର ଆକାଉଣ୍ଟ କରି ୟୁଟ୍ୟୁବ୍ ପାଇଁ ଭିଡିଓ କରିବା ଆରମ୍ଭ କଲି । ଆମ ତିନି ଭାଇ ଭଉଣୀଙ୍କ ଭିତରେ ଅଣ୍ଡରଷ୍ଟାଣ୍ଡିଂ ବହୁତ ଭଲ । ତିନିଜଣ ଆଇଡିଆ ମିଶି ଭଲ ଭଲ ଭିଡିଓ ପ୍ରସ୍ତୁତ ହେଲା । ଲୋକେ ଆମ ଭିଡିଓକୁ ପସନ୍ଦ କରିବାକୁ ଲାଗିଲେ । ହେଲେ ସାଇ ପଡ଼ିଶା ଓ ସମ୍ପର୍କୀୟମାନେ ଭିଡିଓ କରିବାକୁ ନେଇ କେତେ କଥା କହିଲେ । ରାଧେ କୁହନ୍ତି, 'କ୍ରିଷ୍ଣା କିନ୍ତୁ କାହା କଥା ଶୁଣି ନ ଥିଲା । ନିଜେ ଭିଡିଓ କରିବା ସହ ମତେ ବି ଭିଡିଓରେ ସାମିଲ କଲା । ପ୍ରତି ଗାଁ ଓ ଘରର କଥାକୁ ଆମେ ମଜାଦାର ଢଙ୍ଗରେ ଉପସ୍ଥାପନା କଲୁ । କ୍ରିଷ୍ଣା ପାଇଁ ଆମେ ଲୋକଙ୍କ ଭଲ ପାଇବା ସହ ଭିନ୍ନ ଏକ ପରିଚୟ ପାଇଲୁ ।' କ୍ରିଷ୍ଣା କୁହନ୍ତି, 'ବାପା ବି ପ୍ରଥମେ ଭିଡିଓ କରିବାକୁ ନେଇ ରାଗୁଥିଲେ । ତେଣୁ ତାଙ୍କୁ

→




କ୍ରିଷ୍ଣା-ରାଧେ


ରାଧେ-କ୍ରିଷ୍ଣା-କାହ୍ନା

ଦେଖିବା ମାତ୍ରେ ମୋବାଇଲ ଲୁଚାଇ ଦେଉଥିଲୁ, ଶାଢି ବଦଳି ଦେଉଥିଲୁ ଓ ଟିକିଲି ବାହାର କରି ଦେଉଥିଲୁ। ହେଲେ ଏବେ ସମୟ ବଦଳିଛି ନା ବାପା, ନା ସମ୍ପର୍କୀୟ କେହି ବି ବିରୋଧ କରୁନାହାନ୍ତି। ଏମିତିକି ଗୀତ ଗାଇବାର ସ୍ୱପ୍ନ ବି ମୋର ସତ ହେଇଛି। ଲୋକେ ଗୀତ ଗାଇବାକୁ ନିମନ୍ତ୍ରଣ କରୁଛନ୍ତି। ୟା' ଭିତରେ ୪-୫ଟି ଗୀତ ଗାଇସାରିଲିଣି। ଫ୍ୟାନ୍ ବି ବହୁତ ହୋଇଯାଇଛନ୍ତି। କିଏ ମୋର ପେଣ୍ଟିଂ କରି ଆଣୁଛନ୍ତି ତ କିଏ ମତେ ଚିକେନ୍ ଭଲ ଲାଗେ ବୋଲି ଘରକୁ ଚିକେନ କଷା ବି ଆଣିଛନ୍ତି। ଲୋକଙ୍କ ଭଲ ପାଇବା ଦେଖିଲେ ଆଖି ଖୁସିରେ ଛଳ ଛଳ ହୋଇଯାଏ। ଆମ ୟୁଟ୍ୟୁବ୍ ଚ୍ୟାନେଲର ଏବେ ୫୪୧ହଜାର ସବ୍‌ସ୍କ୍ରାଇବର୍ ଅଛନ୍ତି। ଇନ୍‌ଷ୍ଟାର ପ୍ରମୋଶନ ଓ ୟୁଟ୍ୟୁବ୍‌ରୁ ଟଙ୍କା ଆସେ। ଫେସ୍‌ବୁକ୍ କିନ୍ତୁ ଏଯାଏ ମନେଟାଇଜ୍ ହୋଇନି।'

**ଷ୍ଟ୍ରେସ୍ ଓ ଆଙ୍ଗଜାଇଟି କମାଇବା ଥିଲା ଭିଡ଼ିଓ କରିବାର ଉଦ୍ଦେଶ୍ୟ:** ଚେହେରାରେ ନିଶ, ଦାଢି। ହେଲେ ମୁଣ୍ଡରେ ଚୁନରୀ ଅବା କପଡାଟିଏ ପକାଇଦେଇ ଝିଅ ଭଏସ୍‌ରେ ଝିଅଙ୍କ ଭଙ୍ଗୀରେ ସେ କେବେ ମା' ତ କେବେ ଭଉଣୀ ପୁଣି କେବେ ପ୍ରେମିକା ପାଲଟନ୍ତି। ପୁଣି କେବେ ପେଟ ବଡ଼ କରି ଗମ୍ଭୀର କଣ୍ଠରେ କଥା ହୋଇ ବାପା ପାଲଟନ୍ତି। ଏମିତିଭାବେ ଭିନ୍ନ ଭିନ୍ନ ରୂପରେ ସୋସିଆଲ ମିଡିଆରେ ଲୋକଙ୍କୁ ହସାନ୍ତି **ଦେବାଶିଷ ସାହୁ**। ଦେବାଶିଷ କୁହନ୍ତି, 'କଟକରେ ଆମେ ରହୁ। ବାପାଙ୍କର ସେଠି ସୁନା, ରୁପା ଗହଣା ଶୋ' ରୁମ ଅଛି। ମୋର ପଢାପଢି ସବୁ କଟକରେ ହୋଇଛି। ଓଲଟପୁରରେ ଅକୁପେସନାଲ ଥେରାପିରେ ଗ୍ରାଜୁଏଶନ୍ କରିବାପରେ ଭୁବନେଶ୍ୱରସ୍ଥ ନାଲକୋର ଇଣ୍ଡିଆନ ରିସର୍ଚ୍ଚ ମେଡିକାଲ ସାଇନ୍ସରେ ପିଜି କରିଥିଲି। ସେଇ ପିଜି କଲାବେଳେ ହିଁ କଣ୍ଟେଣ୍ଟ କ୍ରିଏଟ୍ କରିବାର ଯୋଜନା କରିଥିଲି। କାରଣ ଏଇ ସମୟରେ ଫିଲ୍ଡ ଭିଜିଟ୍ କଲାବେଳେ ଜାଣିପାରିଲି ଲୋକେ ଆକ୍ରାନ୍ତ ହେଉଥିବା ବି.ପି., ଡାଇବେଟିସ୍, କୋଲେଷ୍ଟରଲ ଭଳି ନନ୍ କମ୍ୟୁନିକେବଲ ଡିଜିଜ୍ ପଛର କାରଣ ହେଉଛି କେବଳ ଟେନ୍‌ସନ୍ ଓ ଆଙ୍ଗଜାଇଟି। ଯଦି ପ୍ରାଇମେରି ଲେଭଲରୁ ଏସବୁକୁ ନିୟନ୍ତ୍ରଣ କରାଯାଏ ତେବେ ଏସବୁ ରୋଗ ନିୟନ୍ତ୍ରଣରେ ରହିବ। ଆଉ ଏସବୁକୁ ନିୟନ୍ତ୍ରଣରେ ରଖିବାର ଏକମାତ୍ର ଭଲ ମାଧ୍ୟମ ହେଉଛି ହସିବା। ସେଇଠୁ ସୋସିଆଲ ମିଡିଆରେ ହସାଇବାର ପ୍ରୟାସ ଆରମ୍ଭ କଲି। ହେଲେ ବାପା ବିରକ୍ତ ହୋଇ କହିଲେ ଏତେ ଟଙ୍କା ଦେଇ ପଢା ହଉଛି, ପୁଅ ଭିଡିଓ କରୁଛି। ତେଣୁ ବାପାଙ୍କ ମନ ରଖିବା ପାଇଁ ଭିଡିଓ କରିବା ବନ୍ଦ କରି ପଢାରେ ମନ ଦେଲି। ଆଉ ଚାକିରି କରି ଅଟିଜମ, ସେରେବଲ୍ ପ୍ଲାସି, ମେଣ୍ଟାଲ ରିଟାୟର୍ଡ ପିଲାଙ୍କ ଚିକିତ୍ସା କଲି। ସେମାନଙ୍କୁ କିଭଳି ହସଖୁସିରେ ଚିକିତ୍ସା କରି ହେବ ପ୍ରୟାସ କଲି। ବାପାଙ୍କ ଇଚ୍ଛା ପୂରଣ କରିବା ପରେ ମୁଁ ମୋ ପ୍ୟାଶନ୍‌କୁ ପୂରଣ କରିବା ଲାଗି ପୁଣିଥରେ ଭିଡିଓ କରିବା ଆରମ୍ଭ କଲି। ଓଡ଼ିଆରେ ଫନି କଣ୍ଟେଣ୍ଟ କ୍ରିଏଟ୍ କଲି। ପ୍ରତି ଘରେ ଘଟୁଥିବା ଘଟଣାକୁ ମଜାଦାର ଶୈଳୀରେ ଭିନ୍ନ ଭିନ୍ନ ରୂପ ହୋଇ ଉପସ୍ଥାପନ କଲି। ଯେମିତିକି ପ୍ରତିଘରେ ମା'ମାନଙ୍କର କହିବା ଶୈଳୀ, କମନ୍ ଡାଇଏଗ୍ ଆଦିକୁ ଉପସ୍ଥାପନ କଲି। ଲୋକେ ମୋର ଭିଡିଓକୁ ନିଜ ଘରର ଘଟଣା ସହ ଯୋଡ଼ିଲେ, ବହୁତ ହସିଲେ। ହେଲେ ସମ୍ପର୍କୀୟମାନେ ମୋ ମା'ଙ୍କୁ କହିଲେ ପୁଅ କ'ଣ ଓଢଣି ପକେଇ ମାଇଚିଆ ଭଳି ଭିଡିଓ କରୁଛି। ମୁଁ କିନ୍ତୁ କାହା କଥା ଶୁଣିଲିନି। କାରଣ ମୁଁ ଜାଣିଥିଲି ଲୋକଙ୍କ କଥା ଶୁଣିଲେ ଆଗକୁ ବଢିହେବନି। କ୍ୟାରେକ୍ଟର ହିସାବରେ ବିଭିନ୍ନ ପ୍ରକାରର ଭୂମିକା କରିବାକୁ ହୁଏ। ତେଣୁ କାହା କଥାରେ ଅଟକି ନ ଯାଇ ଭିଡିଓ ଅପ୍‌ଲୋଡ କରି ଚାଲିଲି। ଥରେ ବୋଉମାନେ ସମୁଦ୍ର କୂଳକୁ ଗଲେ କେମିତି କ'ଣ କୁହନ୍ତି ତାକୁ ନେଇ କରିଥିବା ମୋର ଏକ ଭିଡିଓ ଭାଇରାଲ ହୋଇଗଲା। ଏହାପରେ କନସିଷ୍ଟାନ୍ସି ରଖି ଭିଡିଓ ଅପ୍‌ଲୋଡ କରି ଚାଲିଲି। ଏଇ ବର୍ଷେ ହେବ ମୋ ଚ୍ୟାନେଲ ମନେଟାଇଜ୍ ହୋଇଯାଇଛି। ମୋର ଏବେ ଇନଷ୍ଟାଗ୍ରାମରେ ଲକ୍ଷେ ୩୪ହଜାର ଫଲୋୟର, ୟୁଟ୍ୟୁବରେ ବି ଲକ୍ଷେ ପାଖାପାଖି ସବସ୍କ୍ରାଇବର୍ ଅଛନ୍ତି ଓ ଫେସ୍‌ବୁକ୍‌ରେ ୨୬ ହଜାର ଫଲୋୟର ଅଛନ୍ତି। ତେବେ ଅଧିକ ସର୍ଟସ୍ ଅପଲୋଡ କରୁଥିବାରୁ ଇନ୍‌କମ୍ ଟିକେ କମ୍ ହୁଏ। ବ୍ରାଣ୍ଡ କୋଲାବ୍‌ରେ ଭଲ ଇନ୍‌କମ୍ ହୁଏ। ମାସିକ ମୋର ପ୍ରାୟ ଲକ୍ଷେ ଟଙ୍କା ରୋଜଗାର ହେଉଛି। ଲୋକେ ମୋ ଭିଡିଓକୁ ପସନ୍ଦ କରୁଛନ୍ତି। ଆଗରୁ ମୋତେ ନାନା କଥା କହୁଥିବା ଲୋକଙ୍କ ମୁହଁ ଏବେ ବନ୍ଦ ହୋଇଯାଇଛି। ସେଇମାନେ ଆସି ମୋ ସହ ଫଟୋ ଉଠେଇକି ଯାଉଛନ୍ତି। ବାପାଙ୍କର ବି କିଛି କମ୍ପ୍ଲେନ ନାହିଁ, ବରଂ ଖୁସି ହେଉଛନ୍ତି। କାରଣ ସେ ଦେଖୁଛନ୍ତି ଲୋକମାନେ ମତେ କେତେ ଭଲ ପାଇବା ଦେଉଛନ୍ତି। ଯୁଆଡ଼େ ଗଲେ ଚିହ୍ନି ଯାଇ ଫଟୋ ଉଠାଉଛନ୍ତି, ଅଟୋଗ୍ରାଫ ନେଉଛନ୍ତି। ଘରକୁ ଫ୍ୟାନମାନେ ଗିଫ୍ଟ ଧରି ଆସୁଛନ୍ତି। ମୋ ମା' ଓ ଭାଇ ଭଉଣୀ ବି ମୋ ସଫଳତାରେ ବହୁତ ଖୁସି। ମା' ପ୍ରତିଦିନ କହୁଥିବା କଥାକୁ ମୁଁ ଯେବେ ଭିଡିଓରେ ପ୍ରେଜେଣ୍ଟ କରେ ସେ ଖୁସି ହୁଏ ଓ କହେ ମୋର ସବୁ କଥା ତୁ କେମିତି ମନେ ରଖିଛୁ? ବାପା ବି ଆଶ୍ଚର୍ଯ୍ୟ ହୁଅନ୍ତି ମୁଁ କେମିତି ତାଙ୍କୁ ଅବିକଳ ନକଲ କରେ। ଭଲ ରୋଜଗାର ହେବାପରେ ଘରର ଅନେକ ଆବଶ୍ୟକତାକୁ ବି ପୂରଣ କରିଛି। ମା'ଙ୍କୁ ସୁନା ଚେନ୍ ଆଣିଦେଇଛି। ଗାଡ଼ି କିଣିଛି। ଆଗକୁ ୱେବ୍ ସିରିଜ୍ ଭଳି ଲଙ୍ଗ ଭିଡିଓ ୟୁଟ୍ୟୁବ୍ ପାଇଁ କରିବାର ଯୋଜନା ରଖିଛି। ଖାଲି ସମୟରେ ପ୍ରାଣୀଙ୍କ ସେବା କରେ। ମୁଁ ମୋର ବଜରଙ୍ଗୀ ଫାଉଣ୍ଡେଶନ୍ ମାଧ୍ୟମରେ ପ୍ରତି ରବିବାର ଗାଇ, ଗୋରୁ କୁକୁରଙ୍କୁ ଖାଇବାକୁ ଦେଇଥାଏ।

**ବ୍ରହ୍ମପୁର ଭାଇନାଙ୍କ ସ୍ତ୍ରୀଭାବେ ବେଶି ପରିଚିତ:** ସୋସିଆଲ ମିଡିଆର ଆଉ ଜଣେ କମେଡି ଇନଫ୍ଲୁଏନ୍‌ସର୍ ହେଉଛନ୍ତି **ଅଙ୍କିତା ଦାଶ**। ହେଲେ ଏଇ ନାଁ ବଦଳରେ ଲୋକେ ତାଙ୍କୁ ବେଶି ବ୍ରହ୍ମପୁରୀ ଭାଇନାଙ୍କ ସ୍ତ୍ରୀ ଭାବେ ଜାଣନ୍ତି। କାରଣ ସୋସିଆଲ ମିଡିଆରେ ଦୁହିଁଙ୍କ ଯୋଡି ବେଶ୍ ହିଟ। ଅଙ୍କିତା କୁହନ୍ତି, 'ଘର ମୋର ବ୍ରହ୍ମପୁରରେ। ପରିବାର କହିଲେ ମା'ବାପା ଓ ବଡ଼ ଭଉଣୀ। ବଡ଼ ଭଉଣୀ ବିବାହିତା। ଗ୍ରାଜୁଏଶନ୍ କରିବା ପରେ ମୁଁ ଭାଇଜାକ୍ ଯାଇ ଏୟାରହୋଷ୍ଟେସ୍ କୋର୍ସ କରିଥିଲି। ସେଠାକାର ଏକ ହୋଟେଲରେ ଜବ୍ ବି କରୁଥିଲି। ହେଲେ ଦେହ ଖରାପ ରହିବାରୁ ବ୍ରହ୍ମପୁର ଫେରି ଆସିଲି। ଆଉ ଏମ୍‌ବିଏ କଲି। ପିଲାଦିନୁ ନାଚିବାକୁ ଭଲ ଲାଗୁଥିଲା। ସେଇ ପ୍ୟାଶନ୍ ପାଇଁ ୨୦୨୦ରୁ ଟିକ୍‌ଟକ୍‌ରେ ଭିଡିଓ ପୋଷ୍ଟ କରିବା ଆରମ୍ଭ କରିଥିଲି। ଘରେ କେହି ରିଲ୍ସ କରିବାକୁ ଅପୋଜ କରି ନାହାନ୍ତି। କାରଣ ସେ ଜାଣିଥିଲେ ମୋର ଏଇଥିରେ ଖୁସି।

ଏବେ ଏମ୍‌ବିଏ ସହ ଏକ ଜୁଏଲାରି ଶୋ'ରୁମ୍‌ର ରିଟେଲ୍‌ରେ କାମ କରୁଛି। ପ୍ରଥମେ ମୁଁ କେବଳ ଲିପ୍ ସିଂକ୍ରୋନାଇଜ୍ କରି ବିଭିନ୍ନ ଗୀତରେ ଭିଡ଼ିଓ କରୁଥିଲି। ଯେବେ ସୋସିଆଲ ମିଡ଼ିଆରେ ସତ୍ୟନାରାୟଣଙ୍କ ଭିଡ଼ିଓ ଦେଖୁଥିଲି ଭାରି ଭଲ ଲାଗୁଥିଲା। ଭାବୁଥିଲି ଦିନେ ମୁଁ ବି ଏମିତି ଭିଡିଓ କରିବି। ଥରେ ସତ୍ୟ ନାରାୟଣ ତାଙ୍କ ପେଜ୍‌ରେ ଲେଖିଥିଲେ ଜଣେ ୟଙ୍ଗ ଝିଅ ଦରକାର ଆକ୍ଟିଂ ପାଇଁ। ମୁଁ ରିପ୍ଲାଏ ଦେଇଥିଲି ଇଣ୍ଟରେଷ୍ଟେଡ ବୋଲି। ସେ ହେଲୋ 'ରିପ୍ଲାଏ' ଦେଇଥିଲେ। ହେଲେ ଦୁର୍ଭାଗ୍ୟକୁ ମୁଁ ଦେଖି ନ ଥିଲି। ପରେ ସତ୍ୟଙ୍କର ଏକ କାଫେରେ ଷ୍ଟାଣ୍ଡଅପ୍ କମେଡି ଶୋ' ଥାଏ। ଭାବିଲି ତାଙ୍କ ସହ ଭେଟିବାର ଏଇଟା ସୁବର୍ଣ୍ଣ ସୁଯୋଗ। ତେଣୁ ସେଠି ଗଲି। କମେଡି ସରିବା ପରେ ତାଙ୍କ ସହ ଭେଟି ଫଟୋ ଉଠେଇଥିଲି। ଆଉ ମୋ ଷ୍ଟୋରିରେ ପୋଷ୍ଟ କରି ମେନସନ୍ କରିଥିଲି। ସେ ବି ମତେ ମେନସନ୍ ବ୍ୟାକ୍ କରିଥିଲେ। ଏହା ୨୦୨୩ର କଥା। ତା'ପରେ ସେ ମତେ ମେସେଜ କଲେ ଭିଡିଓ କରିବାକୁ ରାଜି ଅଛନ୍ତି କି? ମୁଁ ହଁ କଲି। ଏହାପରଠାରୁ ତାଙ୍କ ସହ ମିଶିକି ଭିଡିଓ କରିବା ଆରମ୍ଭ ହେଲା। ଧୀରେ ଧୀରେ ଲୋକ ଆମ ଯୋଡିକୁ ପସନ୍ଦ କଲେ। ମୋର ଏକ ସ୍ୱତନ୍ତ୍ର ପରିଚୟ ହେଲା। ଯୁଆଡ଼େ ଗଲେ ଲୋକ ଚିହ୍ନିଯାଇ ଫଟୋ ଉଠାଇବାକୁ ଆସୁଛନ୍ତି। ଖୁସି ଲାଗୁଛି। ଜବ୍ କରୁଥିବା ଗହଣା ଶୋ'ରୁମ୍‌କୁ ଆସୁଥିବା କଷ୍ଟମର୍ ବି ମତେ ଚିହ୍ନିଯାଇ ଖୁସି ହୁଅନ୍ତି। ଗହଣା ନେବାର ନ ଥିଲେ ବି ନେଇ ଯାଆନ୍ତି। ଏଇଥିପାଇଁ ଚାକିରିର ବ୍ୟସ୍ତତା ଭିତରେ ବି ସମୟ ବାହାର କରି ଭିଡିଓ କରେ। ସତ୍ୟ ନାରାୟଣଙ୍କ ଚ୍ୟାନେଲ ପାଇଁ ମୁଁ ଭିଡିଓ କରେ। ସେ ବି ମୋ ସହ ମିଶି ମୋ ଚ୍ୟାନେଲ ପାଇଁ ଭିଡିଓ କରନ୍ତି। କୋଲାବ କରି ବି ଭିଡିଓ ପୋଷ୍ଟ କରୁ। ଏଇ ବର୍ଷେ ହେବ ମୁଁ ମୋ ନିଜର ଏକ ୟୁଟ୍ୟୁବ୍ ଚ୍ୟାନେଲ କରିଛି। ଯାହା ସେପ୍ଟେମ୍ବରରେ ମନେଟାଇଜ୍ ହୋଇଛି। ହେଲେ ଏଯାଏ ପଇସା ରିସିଭ କରିନି।

ଖାଲି ଏଇମାନେ ନୁହନ୍ତି ଆହୁରି ଅନେକ କମେଡ଼ି ଇନ୍‌ଫ୍ଲୁଏନ୍ସର ଏମିତି ହସ ବାଣ୍ଟି ଲୋକଙ୍କ ବିରସ ଦୁନିଆକୁ ହସରେ ଭରୁଛନ୍ତି।

**-ଶିବାନୀ ମହାନ୍ତି**




ଅଙ୍କିତା ଦାଶ



ଦେବାଶିଷ ସାହୁ


# ପିଲାଙ୍କ ଆବଶ୍ୟକତା ଦେଖି ବିଜ୍ଞାନ ଲେଖା ଲେଖିଲି






ପିଲାଙ୍କ ସାହିତ୍ୟରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ଆବଶ୍ୟକତାକୁ ସେ ଅନୁଭବ କରୁଥିଲେ ଆଉ ସେ ସବୁକୁ ସ୍ଥାନ ଦେଉଥିଲେ ତାଙ୍କ ସୃଜନ ସମ୍ଭାରରେ। ସେ ହେଲେ ଶିଶୁ ସାହିତ୍ୟିକ **ରବୀନ୍ଦ୍ରନାଥ ମାଝୀ** । ଜନ୍ମ- ୨୨।୧୧।୧୯୫୨ରେ। ମାତା ଆଲୋଚନା, ପିତା ବାଳକୃଷ୍ଣ ମାଝୀ। ଘର ଖୋର୍ଦ୍ଧା ଜିଲାର ଭୁବନେଶ୍ୱର ଅଧୀନ ବାରଙ୍ଗ ନିକଟସ୍ଥ କେନ୍ଦୁପାଟଣା ଗାଁରେ ; ଯେଉଁଠି କଟିଛି ତାଙ୍କର ପିଲାଦିନ।

ସେ କୁହନ୍ତି, 'ସେତେବେଳେ ଆମ ଗାଁର ଚାରିଆଡ଼େ ବୁଦୁବୁଦିଆ ଲଟା ବଣଥିଲା। ତାରି ଭିତରେ ରାସ୍ତାଟିଏ ଗାଁକୁ ଲମ୍ବିଥାଏ। ସେହି ରାସ୍ତା ନିକଟରେ ରେଳଲାଇନ ଯାଇଛି। ଯେତେବେଳେ ରେଳଗାଡ଼ି ଧୂଆଁ ଉଡ଼େଇ ଚାଲୁଥିଲା, ସେ ଦୃଶ୍ୟ ଦେଖି ମୋ ମନରେ କୌତୂହଳ ସୃଷ୍ଟି ହେଉଥିଲା। କିପରି ଦୁଇଟି ରେଳ ଧାରଣା ଉପରେ ଓଜନିଆ ଗାଡ଼ିଟି ଯାଉଛି। ପୁଣି ଶୀତୁଆ ସକାଳେ ପଡ଼ିଆରେ ଲାଜକୁଳି ଲତାକୁ ଛୁଉଁ ଛୁଉଁ କାହିଁକି ଝାଉଁଳି ଯାଉଥିଲା ଏମିତି ନାନାକଥା ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲା। ଗାଁରେ ପିଉସୀ ପୁଅ ଓ ମୁଁ କ୍ଷୀରରେ ସାହାଡ଼ା ଗଛର ଖୀର ଟିକେ ପକେଇଦେଲେ ତାହା କିପରି ଦହି ପାଲଟୁଥିଲା ଏମିତି କାହିଁକି ହେଲା ତାହା ଜାଣିବା ପାଇଁ ବିଜ୍ଞାନ ମନସ୍କ ହୋଇଯାଉଥିଲି। ମୋର ପାଠପଢ଼ା ଗାଁ ଚାଟଶାଳୀରେ ଆରମ୍ଭ ହୋଇଥିଲା। ପରେ କଟକ ଗଲି। ବାପା ରାଣୀହାଟ ହାଇସ୍କୁଲରେ ଶିକ୍ଷକ ଥିଲେ। ସେଠାରେ ଷଷ୍ଠ ଶ୍ରେଣୀରେ ପଢୁଥାଏ। ବାପା ଟୁଆଁଟୁଇଁ ଓ ଜହ୍ନମାମୁଁ ପତ୍ରିକା କିଣି ଆଣି ଦେଉଥିଲେ। ସେ ସବୁ ପଢି ବହୁତ ଖୁସି ହେଉଥିଲି ଆଉ ଏଇଠୁ ହିଁ ମୋର ଲେଖାଲେଖି କରିବାର ଆଗ୍ରହ ଆସିଲା। ସେଦିନ ଆସିଲା ଯେଉଁଦିନ ସ୍କୁଲ ମାଗାଜିନ ଜ୍ୟୋତିରେ ମୋର 'ସକାଳ' ନାଁରେ କବିତାଟିଏ ପ୍ରକାଶ ପାଇଲା। ସେଦିନ ମୋ ଖୁସି କହିଲେ ନସରେ। ପତ୍ରିକାରେ ମୋ କବିତାକୁ ଦେଖି ବାରମ୍ବାର ପଢୁଥିଲି। ଏହିଥିରୁ ହିଁ ମୋର ଲେଖିବାର ନିଶା ଏମିତି ଲାଗିଗଲା ଯାହା ଆଜିଯାଏଁ ରହିଛି। ପରେ ସ୍କୁଲ ହାତଲେଖା ପତ୍ରିକାର ସମ୍ପାଦନା ଦାୟିତ୍ୱ ନେଲି। ରାଣୀହାଟ ଉଚ୍ଚବିଦ୍ୟାଳୟରୁ ୧୯୬୮ରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲି। ପରେ ରେଭେନ୍ସାରେ ମହାବିଦ୍ୟାଳୟରେ ନାମଲେଖାଇଲି। ସ୍ନାତକୋତ୍ତର କରିବା ପରେ ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ୧୯୭୫ରେ ଅଧ୍ୟାପକ ଭାବେ ଚାକିରି କରିଥିଲି। ସମୟକ୍ରମେ ଓଡ଼ିଶା ରାଜ୍ୟ ଅର୍ଥନିଗମରେ ଯୋଗଦେଇଥିଲି। କର୍ପୋରେଟ ସେକ୍ରେଟାରି ଓ ମୁଖ୍ୟ ଦୁର୍ନୀତି ନିବାରଣ ଅଧିକାରୀ ଭାବେ କାର୍ଯ୍ୟକରି ୨୦୧୦ରୁ ଅବସର ନେଇସାରିଲିଣି। ସାମାଜିକ ଅନିୟମିତତା, ମିଥ୍ୟା, ଛଳନା ଓ କପଟତା ମୋ ତାରୁଣ୍ୟ ବୟସରେ ବିଦ୍ରୋହର ଶବ୍ଦମାନଙ୍କୁ ଠୁଳ କରି କବିତାରେ ଫୁଟେଇଛି। କୈଶୋରୀୟ ପ୍ରେମ ଓ ଅନ୍ତରଙ୍ଗତାର ଅଭାବ ମୋତେ ଶୂନ୍ୟତା ଦେଇଛି। ସ୍କୁଲ ବୟସରୁ ବିଜ୍ଞାନ ସମ୍ବନ୍ଧୀୟ ଲେଖା ପ୍ରତି ସର୍ବଦା ମନ ଘାରୁଥିଲା। ଯୋଗକୁ ଶିଶୁଲେଖା ପାଇଁ କାହାଣୀ ନୁହେଁ କୁହୁକ ନୁହେଁ କେତୋଟି କଥା ଲେଖିଲି। ଅନନ୍ତ ପଟ୍ଟନାୟକ ଶିଶୁଲେଖାର ସମ୍ପାଦକ ଥାନ୍ତି। ସେ ମୋତେ ବହୁତ ପ୍ରଶଂସାକରି କ୍ରମାଗତ ଲେଖାଦେବାକୁ ଉତ୍ସାହିତ କରିଥିଲେ। ସେ ମୋତେ କହିଥିଲେ ରବି! ଜୀବିକା ଜୀବନ ନୁହଁ। ତୁମେ ପିଲାଙ୍କ ପାଇଁ ବିଜ୍ଞାନ ଲେଖା ଲେଖ। ଶିଶୁ ସାହିତ୍ୟର ଘୋର ଅଭାବ ଅଛି । ଶିଶୁସାହିତ୍ୟରେ ବିଜ୍ଞାନ ଲେଖାର ଆବଶ୍ୟକତା ରହିଛି। ସେବେଠାରୁ ବିଜ୍ଞାନଭିତ୍ତିକ ଶିଶୁଲେଖା ଲେଖି ଚାଲିଛି। ଧୀରେଧୀରେ ମୋର ଅନେକ କବିତା ଓ ଗପ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି। ପ୍ରବନ୍ଧ, ବେତାର ଏକାଙ୍କିକା ସହ ବିଜ୍ଞାନଭିତ୍ତିକ ପିଲାଙ୍କ ସାହିତ୍ୟ ଲେଖି ଆସୁଛି। ସ୍ୱଚ୍ଛତା ପାଇଁ ୟୁନିସେଫ ଓ ଦୂରଦର୍ଶନ ଦ୍ୱାରା ପୁରସ୍କୃତ ବି ହୋଇଛି। ଦୂରଦର୍ଶନରେ ଗୁରୁଦିବସ ପାଇଁ ଶ୍ରୀ ଗୁରୁବେ ନମଃ ଏବଂ ଶିଶୁ ଦିବସ ଲାଗି ଘରକୁ ସୁନ୍ଦର ଏକ ଟେଲିଫିଲ୍ମ ପ୍ରସ୍ତୁତ ଓ ପ୍ରଚାର କରିଥିଲି। ଆକାଶବାଣୀ ଶିଶୁ କାର୍ଯ୍ୟକ୍ରମ ଓ ବିଭିନ୍ନ ଖବରକାଗଜରେ ମୋ ଲେଖାସବୁ ନିୟମିତ ପ୍ରକାଶ ପାଇଛି। ମୁଁ ଆମେରିକା, ଥାଇଲାଣ୍ଡ, କାମ୍ବୋଡ଼ିଆ ଆଦି ଦେଶ ଭ୍ରମଣ କରିଛି। ଏହିସବୁ ଦେଶର ନୂଆ ନୂଆ କଥା ମୋ ଲେଖାରେ ସ୍ଥାନ ପାଏ। ଆଉ ଯାହା ମାତେ ଖୁବ୍ ପ୍ରଭାବିତ କରିଥିଲା ତାହା ଥିଲା ଜୁରାସିସ୍ ପାର୍କ ସିନେମା। ଏହାପରେ ମୁଁ ଡାଇନୋସର କାହାଣୀ କ୍ରମାଗତ ଭାବେ ଲେଖି ଚାଲିଲି। ଏଯାବତ୍ ମୋର ପିଲାଙ୍କ ପାଇଁ ୭ଟି କବିତା ପୁସ୍ତକ, ୮ଖଣ୍ଡ ଗଳ୍ପ, ୩ଟି ଶିଶୁ ଉପନ୍ୟାସ, ୫ଟି ଅନୁବାଦ, ୧୫ଖଣ୍ଡ ବିଜ୍ଞାନ ସମ୍ବନ୍ଧିତ ପୁସ୍ତକ ପ୍ରକାଶିତ ହୋଇଛି। ଓଡ଼ିଆ ଭାଷାରେ ପିଲାଙ୍କ ଲାଗି ମାଣିକ ରାଜା, କେତେ ସୁନା ଆମ କୁନା ଓ ଅନେକ ବିଜ୍ଞାନ ସମ୍ବନ୍ଧୀୟ ଅନୁସନ୍ଧାନମୂଳକ ଏବଂ ଗବେଷଣାଧର୍ମୀ ଲେଖା ଲେଖିଛି। ୨୦୦୨ରେ କବିତା ସଂକଳନ ମୌନ ତରଙ୍ଗ ପ୍ରକାଶିତ ହୋଇଥିଲା। ଲେଖିଥିବା ପୁସ୍ତକ ମଧ୍ୟରେ ଏଇ ଗାଁ ସରଗ', ପରିବେଶ କାହାଣୀ', 'ନୀଳ ଠେକୁଆ,' ଶିଶୁ ଉପନ୍ୟାସ କଥାବସ୍ତୁ, 'ଅଳ୍ପ ଅଳ୍ପ ବିଜ୍ଞାନ ଗଳ୍ପ' ଆଦି ଅନ୍ତର୍ଭୁକ୍ତ। ମୋ ମତରେ, ଆଜିର ସମୟରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଯେଭଳି ଅଗ୍ରଗତି ହେଉଛି ସେକଥା ପିଲାଙ୍କୁ ତାଙ୍କ ଭାଷାରେ ବୁଝାଇବା ପାଇଁ ମୁଁ ମୋ ଲେଖାକୁ ସେଇ ବାଟରେ ବାଟେଇ ନେଉଛି। ରେଭେନ୍ସାରେ ପଢୁଥିବା ବେଳେ ଅର୍ଥନୀତିର ଛାତ୍ର ହୋଇ ମଧ୍ୟ ସେତେବେଳେ ଓଡ଼ିଆ ଛାନ୍ଦ ଶୈଳୀ ପ୍ରବନ୍ଧ ଲେଖି ଉତ୍କଳ ବିଶ୍ୱବିଦ୍ୟାଳୟର ଭାଇସ ଚାନ୍ସେଲରଙ୍କଠାରୁ ପୁରସ୍କୃତ ହୋଇଥିଲି। ଆନ୍ତଃକଲେଜ ଇଂଲିଶ ପ୍ରବନ୍ଧ ପ୍ରତିଯୋଗିତାରେ ଗରିବ ହଟାଓ ଏବଂ ଓଡ଼ିଆ ପ୍ରତିଯୋଗିତାରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ବିନା ଦେଶର ପ୍ରଗତି ଅସମ୍ଭବ ପାଇଁ ପ୍ରାଣନାଥ କଲେଜରୁ ପୁରସ୍କୃତ ହୋଇଛି।'

ତାଙ୍କର ଏହି ସୃଜନଶୀଳ ସମ୍ଭାର ପାଇଁ ତାଙ୍କୁ ପ୍ରଜାତନ୍ତ୍ର ବିଷୁବ ମିଳନ, ଉତ୍କଳ ସାହିତ୍ୟ ସମାଜ, ଫକୀର ମୋହନ ସାହିତ୍ୟ ସଂସଦ, ବିଜ୍ଞାନ ପ୍ରଚାର ସମିତି, କୁନିକଥା, ଝୁମୁକା, ମଣିମାଣିକ, ପୁନଃଜନ୍ମ, ସରଗଶଶୀ, ଚଲାପଥ, ଶିଶୁ ସାହିତ୍ୟ ପାଇଁ ସେ ଭାରତୀୟ ବାଲ୍‌କଲ୍ୟାଣ ସଂସ୍ଥାନ କାନପୁରରୁ ସମ୍ବର୍ଦ୍ଧିତ, ଏଇ ଗାଁ ସରଗ ପାଇଁ ପ୍ରୌଢ଼ଶିକ୍ଷା ନିର୍ଦ୍ଦେଶାଳୟ ଭାରତ ସରକାରଙ୍କ ଶିକ୍ଷା ଓ ସଂସ୍କୃତି ମନ୍ତ୍ରଣାଳୟରୁ ପୁରସ୍କୃତ, ପରିବେଶ କାହାଣୀ ପାଇଁ (ଏନ୍‌ସିଇଆର୍‌ଟି)ରୁ ଜାତୀୟ ପୁରସ୍କାର, ଓଡ଼ିଶା ବିଜ୍ଞାନ ଏକାଡେମୀ ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନ ପୁସ୍ତକ ପୁରସ୍କାର,ରାମକୃଷ୍ଣ ନନ୍ଦ ଶିଶୁ ସାହିତ୍ୟ ପୁରସ୍କାର, ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସମ୍ମାନ ସହ ନୀଳ ଠେକୁଆ ପୁସ୍ତକ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ମଧ ସମ୍ମାନିତ ହୋଇଛନ୍ତି। **-ବନବିହାରୀ ବେହେରା**





# ପାସ୍‌ୱାର୍ଡ

–ପରମେଶ୍ୱର ଓଝା

କଲେଜ ସମୟରୁ ସେ ଦୁହେଁ ସମସ୍ତଙ୍କ ଉଦାହରଣ ଥିଲେ ତାଙ୍କ ସଚ୍ଚା ପ୍ରେମ ପାଇଁ। ଉଭୟଙ୍କ ହୃଦୟସ୍ପର୍ଶୀ ଭଲପାଇବା ଦେଖି ଅନେକ ଅସହିଷ୍ଣୁ ବନ୍ଧୁ ଈର୍ଷାରେ ଜଳିଯାଉଥିଲେ ତ ଆଉ କେତେଜଣ ବନ୍ଧୁ ଭିତରେ ଭିତରେ ପ୍ରଶଂସାରେ ପୋତି ପକାଉଥିଲେ। ତାଙ୍କ ଦୁହିଁଙ୍କ ଭିତରେ ପ୍ରେମର ମଜଭୁତ ବନ୍ଧନଟା ବାହାରକୁ ସ୍ପଷ୍ଟ ଜଣାପଡୁଥିଲା। ପରସ୍ପର ପ୍ରତି ଗଭୀର ଆକର୍ଷଣ ଓ ଅନୁରାଗ ରଖି ଦୁହେଁ ନିଜ ନିଜର ପାଠପଢ଼ାକୁ ନେଇ ସିରିୟସ ଥିଲେ। ପୁଅ ଦିଲ୍ଲୀରେ ଏମ୍‌ବିଏ କରୁଥିଲା ଆଉ ଝିଅ ଭୁବନେଶ୍ୱରରେ ବି.ଟେକ୍। ଯୋଗାଯୋଗର ମାଧ୍ୟମ ଥିଲା ମୋବାଇଲ। ସେହି ମେଶିନ ଟାଖଣ୍ଡକ ପାଇଁ ଦୁହେଁ ଦୁହିଁଙ୍କ ଠାରେ ଦୂରତା କେବେ ଅନୁଭବ କରି ନ ଥିଲେ । ପାଠପଢ଼ା ଭିତରୁ ସମୟ କରି ଦୁହେଁ ଦୁହିଁଙ୍କ ସହ ଢେର୍ ଗପସପ କରୁଥିଲେ । ଭିଡିଓ କଲ୍‌ରେ ପରସ୍ପରକୁ ଦେଖି ପାଖରେ ରହୁଥିବାର ଅନୁଭବ କରୁଥିଲେ ।


ଛୁଟି ମିଳିଲା ମାନେ ଭେଟୁଥିଲେ । ପ୍ରତିଟି ମୁହୂର୍ତ୍ତକୁ ଆନନ୍ଦରେ କାଟୁଥିଲେ – କୌଣସି ରୋମାଣ୍ଟିକ୍ ସିନେମା ଦେଖିବାରେ ହେଉ କି ହାତ ଧରାଧରି ହୋଇ ପାର୍କ ବୁଲା ଅଥବା ନାମୀ କାଫେରେ ଦାମୀ କଫି ପିଇବା ହେଉ। ଆଉ ବେଳେ ବେଳେ ନିରୋଳା ସମୁଦ୍ର କୂଳ ନ ହେଲେ ଲଙ୍ଗ୍ ଡ୍ରାଇଭରେ ଚାଲିଯାଆନ୍ତି ଦୁହେଁ ଖୁବ୍ ଗୋଟେ ଏକାନ୍ତ ସ୍ଥାନକୁ ଯେଉଁଠି ତାଙ୍କ ଦୁହିଁଙ୍କ ଛଡ଼ା କେହି ବି ନ ଥିବେ । ଚାରି ବର୍ଷ ଭିତରେ କେତେ ଜୀବନ ଜିଇଁଗଲେଣି ଦୁହେଁ । କିଛି ବି ଗୋପନ ନାହିଁ ଦୁହିଁଙ୍କ ଭିତରେ । ଦୁହେଁ ଦୁହିଁଙ୍କୁ ଅତି ପାଖରୁ ପଢ଼ି ସାରିଲେଣି, ଚିହ୍ନି ସାରିଲେଣି । ଘରେ ସିନା ଜଣାଇ ନାହାନ୍ତି ଦୁହିଁଙ୍କ ପାଠ ପଢ଼ା ପରେ ଦୁହେଁ ଘରକୁ ଜଣାଇ ନିଶ୍ଚୟ ବିବାହ କରିବେ। ବିବାହ ପରବର୍ତ୍ତୀ ଭବିଷ୍ୟତ କେମିତି ସୁନ୍ଦର ଆଉ ମଧୁର ହୋଇପାରିବ ସେ ବିଷୟରେ ଏବେଠୁ ଯୋଜନା କରନ୍ତି ଏମାନେ । ସନ୍ଦେହର ଗୋଟିଏ ବି ବିନ୍ଦୁ ସ୍ପର୍ଶ କରିନି ଉଭୟଙ୍କୁ କେବେବି ।

କିନ୍ତୁ ଗୋଟିଏ ଛୋଟିଆ ଘଟଣା ଏହି ସମ୍ପର୍କକୁ ଭୁଲ୍ ବୋଲି ପ୍ରମାଣିତ କରିଦେବ କିଏ ଜାଣିଥିଲା ? ସେମିତିରେ କେବେ ଦରକାର ପଡ଼ି ନ ଥିଲା ପରସ୍ପର ମୋବାଇଲ ତନଖି ଦେଖିବା । ମୋବାଇଲ ଆଡ଼ଉ ଆଡ଼ଉ ଝିଅଟି ଅଟକି ଯାଇଥିଲା ପୁଅର ଫେସ୍‌ବୁକ୍ ପାଖରେ ଆଉ ପୁଅଟି ଅଟକି ଯାଇଥିଲା ଝିଅର ଇନ୍‌ଷ୍ଟାଗ୍ରାମ୍ ପାଖରେ। ଉଭୟଙ୍କର ଲକ୍ ପଡ଼ିଥିଲା । ପରସ୍ପରକୁ ଘଣ୍ଟାଏ କାଳ ପଚାରିବା ସତ୍ତ୍ୱେ କେହି କାହାର ପାସ୍‌ୱାର୍ଡ ବତାଇ ନ ଥିଲେ। ନ ଖୋଲିବାର ଅନେକ ବାହାନା କରିଥିଲେ ଦୁହେଁ । ଉଭୟେ ଉଭୟଙ୍କ ସ୍ଥାନରେ ଠିକ୍ ବୋଲି ଯୁକ୍ତି ବାଢ଼ିଥିଲେ। ଯୁକ୍ତି କାଟିଥିଲେ । ଧୀରେଧୀରେ ପାଟିତୁଣ୍ଡ ହେଲା । ପରସ୍ପରକୁ କାଟିଲା ଭଳି କଥା କହି ଜଣାଇଦେବାକୁ ଚାହିଁଲେ କିଏ କେତେ ଯୋଗ୍ୟ ଜଣେ ଅଯୋଗ୍ୟ ପାଇଁ ।

କିଛି ସମୟର ଗମ୍ଭୀରତା.... ଆଉ ନୀରବତା ପରେ କଠୋର ରାଣ ନିୟମରେ ବାଧ ହୋଇ ଲକ୍ ଖୋଲିଥିଲେ ପରସ୍ପରର। ମୋବାଇଲର ଲକ୍ ସିନା ଖୋଲିଯାଇଥିଲା, ହେଲେ ଉଭୟଙ୍କ ପ୍ରେମରେ ଥିବା ଗଭୀର ବିଶ୍ୱାସରେ ଗୋଟେ ଷ୍ଟ୍ରଙ୍ଗ୍ ଲକ୍ ପଡ଼ି ଯାଇଥିଲା ସବୁଦିନ ପାଇଁ; ଯାହା କେବେବି ଆଉ ଖୋଲିବାର ସମ୍ଭାବନା ନ ଥିଲା। କାରଣ ତାହାର ପାସ୍‌ୱାର୍ଡ କାହାକୁ ଜଣା ନ ଥିଲା ।

*– କେନ୍ଦ୍ରାପଡ଼ା*
*ମୋ: ୬୩୫୫୧୩୩୩୦୧*





# ଦେବୀ

– ବେବୀଲତା ଶତପଥୀ

ଅମାନିଆ ବସନ୍ତର ଆଦ୍ୟ ସୋପାନରେ
ଶିରୀଶିରୀ ପବନର ମତୁଆଲା ଢଙ୍ଗରେ
ଦେଖାହେଲା ତୁମସହ
ସମୟର ଅଙ୍କାବଙ୍କା ତୀରେ ।

ଦିକ୍‌ଦିକ୍ ଜଳୁଥିଲା
ଆଶାର ଦୀପାଳି
ଠିକଣା ମୁଁ ଖୋଜୁଥିଲି
ଦିଗହରା ଭସା ମେଘ ପରି।

ଆଖି ମୋର ଭିଜୁଥିଲା
ବର୍ଷାର ପୁଲକରେ
ତମେ ବୋଧେ ଭାବୁଥିଲ
ମୁଁ ପ୍ରାକ୍ ମୌସୁମୀ ତୁମ
ମନ ମରୁ ଉଦ୍ୟାନରେ ।

ମାପି ପାରୁ ନ ଥିଲି ତୁମ
ପରିପକ୍ୱତାର ରୋମାଞ୍ଚକୁ
ହଲ୍‌ଚଲ୍ କରୁଥିଲା
ବିଫଳତାର ଦୀର୍ଘ ଶ୍ୱାସ
ମର୍ମେ ମର୍ମେ ଅନୁଭବୀ ଥିଲି
ମଧୁ ମକ୍ଷିକାର ତୀବ୍ର ଦଂଶନକୁ ।

ଖୁବ୍ ଭଲ ଲାଗୁଥିଲା
ତୁମର ସେ ମିଠା ପ୍ରେମର ପାଗଳପଣକୁ
ଉପଭୋଗ କରୁଥିଲି
ତୁମେ କିପରି ଘୁରି ଘୁରି ଦେଖୁଥିଲ
ପଢୁଥିଲ, ମୋ ମନର ଭୂଗୋଳକୁ।

ଢେର ସମୟ ପରେ
ପାଟି ଖୋଲିଲ ଆଉ କହିଲ
ତମେତ ମୋର
ମନ୍ଦିର ଭିତରେ ଥିବା ସରୁ ଦିଅଁ ଟିଏ
ତମେ ମୋ ଅବଚେତନ ମନର
ପ୍ରତିମୂର୍ତ୍ତି 'ଦେବୀ' ଟିଏ ..

*– କଳିଙ୍ଗବିହାର, ଭୁବନେଶ୍ୱର,*
*ମୋ: ୬୩୭୨୯୯୯୫୯୦*





ସିଦ୍ଧାର୍ଥ

# ଅଭିନେତା ନ ହୋଇଥିଲେ...

ସିଦ୍ଧାର୍ଥ ମାଲହୋତ୍ରା ଯଦି ଅଭିନୟ କରି ନ ଥାନ୍ତେ ତେବେ କ'ଣ କରିଥାଆନ୍ତେ ? ତାଙ୍କର ଏକ ଭିନ୍ନ ଇଚ୍ଛା ଥିଲା । ରଗ୍‌ବି ଖେଳାଳୀ ଭାବରେ ସୁନାମ ଅର୍ଜନ କରିବାକୁ ସେ ପ୍ରାୟ ମାଇଣ୍ଡ ମେକଅପ କରିସାରିଥିଲେ । କାରଣ ସେ ଭଲ ରଗ୍‌ବି ଖେଳୁଥିଲେ । ହେଲେ ମାତ୍ର ୧୮ ବର୍ଷ ବୟସରେ ସେ ମଡେଲିଂ ଆରମ୍ଭ କରିଥିଲେ । ଆଉ ମଡେଲିଂ ଦୁନିଆରେ ପାଦ ଦେବା ପରେ ଅଭିନୟ ପ୍ରତି ତାଙ୍କ ମନରେ ଆଗ୍ରହ ସୃଷ୍ଟି ହୋଇଥିଲା । ପ୍ରଥମେ 'ମାଇଁ ନେମ୍ ଇଜ୍ ଖାନ୍' (୨୦୧୦)ରେ ସେ ଜଣେ ସହ-ନିର୍ଦ୍ଦେଶକ ଭାବରେ କାମ କରିଥିଲେ । ପରେ ସେ ଷ୍ଟୁଡେଣ୍ଟ ଅଫ୍ ଦ ଇୟରରେ ଅଭିନେତାଭାବେ କାମ ଆରମ୍ଭ କରିଥିଲେ । ଏ ନେଇ ସିଦ୍ଧାର୍ଥ କହନ୍ତି, ''ଯଦି ମୁଁ ଅଭିନୟ କରି ନ ଥାନ୍ତି, ତେବେ ଏବେ ଜଣେ ସ୍ପୋର୍ଟମ୍ୟାନ୍ ଭାବରେ ନିଜ କ୍ୟାରିୟରକୁ ଆଗେଇ ନେଉଥାଆନ୍ତି । କିନ୍ତୁ ମୋ ଭାଗ୍ୟରେ ଅଭିନୟ ଲେଖା ଥିଲା । ଆଉ ମୁଁ ଅଭିନୟ ମାୟାରେ ପଡିଗଲି ।'' 'ଷ୍ଟୁଡେଣ୍ଟ ଅଫ ଦ ଇୟର'ରୁ ତାଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା । ତା'ପରେ 'ହସି ତୋ ଫସି', 'ଏକ ଭିଲେନ୍', 'କପୁର ଆଣ୍ଡ ସନ୍‌ସ', 'ଏ ଜେଣ୍ଟଲମ୍ୟାନ୍', 'ମରଜାଓ୍ୱାଁ', 'ଥ୍ୟାଙ୍କ ଗଡ୍', 'ମିଶନ ମଞ୍ଜୁ' ଏବଂ 'ପରମ ସୁନ୍ଦରୀ'ରେ ଅଭିନୟ କରିସାରିଛନ୍ତି । ବର୍ତ୍ତମାନ ସେ ଅଭିନୟ କରୁଥିବା 'ଓ୍ୱନ୍ : ଫୋର୍ସ ଅଫ ଦ ଫରେଷ୍ଟ'ର ଶୁଟିଂ ଚାଲୁ ରହିଛି ।



ଆଲିୟା

# ପସନ୍ଦ ଥିଲା ପୁରୁଷ ଭୂମିକା

ଆଲିୟା ଭଟ୍ଟଙ୍କର ଜନ୍ମ ଏକ କଳାକାର ପରିବାରରେ । ବାପା ମହେଶ ଭଟ୍ଟ ଏକାଧାରରେ ଜଣେ ପ୍ରଯୋଜକ ଏବଂ ନିର୍ଦ୍ଦେଶକ । ଆଲିୟାଙ୍କ ଅଭିନୟ ଜୀବନ ପ୍ରଥମେ ଜଣେ ଶିଶୁ କଳାକାର ଭାବରେ ଆରମ୍ଭ ହୋଇଥିଲା । ଫିଲ୍ମଟି ଥିଲା ତନୁଜା ଚନ୍ଦ୍ରାଙ୍କ ନିର୍ଦ୍ଦେଶିତ ଏବଂ ଅକ୍ଷୟ କୁମାର-ପ୍ରୀତି ଜିଣ୍ଟାଙ୍କ ଅଭିନୀତ 'ସଂଘର୍ଷ' । ଏଥିରେ ସେ ପ୍ରୀତି ଜିଣ୍ଟାଙ୍କ ପିଲାଦିନ ଭୂମିକାରେ ଅଭିନୟ କରିଥିଲେ । ଛୋଟବେଳୁ ହିଁ ଆଲିୟାଙ୍କର ଅଭିନୟ ପ୍ରତି ରୁଚି ଥିଲା । ସ୍କୁଲରେ ପଢିବାବେଳେ ସେ ସାଙ୍ଗ ପିଲାଙ୍କ ସହ 'ଆକ୍ଟେଟ-ଆକ୍ଟେସ' ଖେଳ ଖେଳୁଥିଲେ । କିନ୍ତୁ ସେଥିରେ ସେ ପୁରୁଷ ଭୂମିକାରେ ଅଭିନୟ କରୁଥିଲେ । ଆଲିୟା କହନ୍ତି, 'ସ୍କୁଲରେ ପଢ଼ିବା ସମୟରେ ମୋର ମେଲ୍ ରୋଲ୍ ପ୍ରତି ଅଧିକ ଆଗ୍ରହ ଥିଲା । ତେଣୁ ମୁଁ 'ଆକ୍ଟେଟ-ଆକ୍ଟେସ' ଗେମ୍‌ରେ ପୁରୁଷ ରୋଲ୍ ନେବାକୁ ଅଡି ବସୁଥିଲି ଏବଂ ସଫଳ ମଧ୍ୟ ହେଉଥିଲି । ଏବେ ସେ କଥା ମନେ ପଡିଲେ ବେଶ୍ ହସ ଲାଗିଥାଏ ।'' ଆଲିୟା ପୋହା ଖାଇବାକୁ ବେଶୀ ପସନ୍ଦ କରିଥାଆନ୍ତି । ପିଲାଦିନେ ତାଙ୍କୁ ଗୋଟିଏ ଜିନିଷ ପ୍ରତି ଭାରି ଭୟ ଥିଲା । ତାହା ହେଲା ଅନ୍ଧାର । ତା'ସହ ଫ୍ଲାଇଟ୍‌ରେ ବସିବା ବେଳେ ମଧ୍ୟ ଟିକେ ତାଙ୍କୁ ଭୟ ଲାଗୁଥିଲା । ବର୍ତ୍ତମାନ ଆଲିୟାଙ୍କ ଅଭିନୀତ 'ଆଲଫା'ର ପୋଷ୍ଟ ପ୍ରଡକ୍ସନ କାମ ଚାଲିଥିବା ବେଳେ 'ଲଭ ଆଣ୍ଡ ଓ୍ୱାର'ର ଶୁଟିଂ ଚାଲୁ ରହିଛି ।

# କଥା ୨୫ ବର୍ଷର...

ଦକ୍ଷିଣ ଭାରତୀୟ ସିନେମାରେ ଶ୍ରୀୟା ସରନ୍ ଜଣେ ପରିଚିତା ଅଭିନେତ୍ରୀ । ଚଳିତବର୍ଷ ସେ ତାଙ୍କ ଆକ୍ଟିଂ କ୍ୟାରିୟରର ସିଲଭର ଜୁବୁଲି ଅର୍ଥାତ୍ ୨୫ ବର୍ଷ ପାଳନ କରୁଛନ୍ତି । ୨୦୦୧ରେ ସେ ପ୍ରଥମେ ବଡ ପରଦାରେ ଏଣ୍ଟ୍ରି କରିଥିଲେ । ତାଙ୍କର ଡେବ୍ୟୁ ଫିଲ୍ମଟି ଥିଲା 'ଇଷ୍ଟମ' (ତେଲୁଗୁ) । ଠିକ୍ ଏହାର ପରବର୍ଷ ତେଲୁଗୁ ଫିଲ୍ମ 'ସନ୍ତୋଷମ' ହିଟ୍ ସାବ୍ୟସ୍ତ ହେଲା । ଆଉ ତା'ପରେ ଶ୍ରୀୟା ପଛରେ ପ୍ରଯୋଜକଙ୍କର ଲମ୍ବା ଲାଇନ୍ ଲାଗିଯାଇଥିଲା । ଏହାବ୍ୟତୀତ ସେ କନ୍ନଡ ଏବଂ ମାଲାୟାଲୟମ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି । ୨୦୦୨ ତାଙ୍କ ପାଇଁ ଏକ ଲକି ବର୍ଷ ଥିଲା । ଏହି ବର୍ଷ ସେ ହିନ୍ଦୀ ସିନେମାରେ ଏଣ୍ଟ୍ରି କରିଥିଲେ । ତାଙ୍କର ପ୍ରଥମ ବଲିଉଡ୍ ସିନେମା 'ତୁଝେ ମେରି କସମ' ବ୍ଲକ୍ ବଷ୍ଟର ସାବ୍ୟସ୍ତ ହୋଇଥିଲା । ଶ୍ରୀୟା କୁହନ୍ତି, ''ମୋ ଅଭିନୀତ ପ୍ରତିଟି ସିନେମାକୁ ମୁଁ ସିରିୟସଲି ନେଇଥାଏ । ମୋତେ ଏପର୍ଯ୍ୟନ୍ତ ଯେତେ ଭୂମିକା ମିଳିଛି ସେଗୁଡିକୁ ମୁଁ ଠିକ୍ ଭାବରେ ତୁଲାଇ ପାରିଛି ବୋଲି ଅନୁଭବ କରୁଛି । ନ ହେଲେ ଆକ୍ଟିଂ ଲାଇନ୍‌ରେ ୨୫ ବର୍ଷ ତିଷ୍ଠି ରହିବା ସହଜ କଥା ନୁହେଁ । ଆଉ ଏସବୁ ସମ୍ଭବ ହୋଇଛି ଦର୍ଶକମାନଙ୍କ ପାଇଁ ।'' ଅଭିନୟ ପୂର୍ବରୁ ସେ ନିଜକୁ ଜଣେ ପ୍ରଖ୍ୟାତ କଥକ ନୃତଙ୍ଗନା ଭାବରେ ପରିଚିତ କରାଇ ପାରିଥିଲେ । ଦିଲ୍ଲୀସ୍ଥିତ ଲେଡି ଶ୍ରୀରାମ କଲେଜରୁ ସେ କଳାରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ଶ୍ରୀୟା ଜଣେ ଭେଜିଟେରିଆନ୍ । ସବୁବେଳେ ନିଜର ଫିଟ୍‌ନେସ୍ ପ୍ରତି ବେଶ୍ ସଚେତନ ଥାଆନ୍ତି । ଅଭିନୟ ବ୍ୟତୀତ ସେ ଚ୍ୟାରିଟି କାମରେ ନିଜକୁ ନିୟୋଜିତ ରଖିଥାଆନ୍ତି । ବର୍ତ୍ତମାନ ସେ ହିନ୍ଦୀ ସିନେମା 'ଦୃଶ୍ୟମ ୩'ରେ ଅଭିନୟ କରୁଛନ୍ତି ।



ଶ୍ରୀୟା



ଏଲିନା

# ସାହସୀ ଏଲିନା

ଜଣେ ନାରୀ ପରିବାରକୁ ସୁରୁଖୁରୁରେ ଚଳାଇବା ବ୍ୟତୀତ ତା'ର ଆଉ କିଛି ଭୂମିକା ମଧ୍ୟ ରହିଛି । ପରିବାର ଉପରେ ଯେତେବେଳେ ବିପଦର କଳା ବାଦଲ ମାଡିଆସେ ସେତେବେଳେ ସେ ସମସ୍ତଙ୍କୁ ଏଥିରୁ ରକ୍ଷା କରିବାକୁ ଏକାକୀ ଅଣ୍ଟା ଭିଡିପାରେ । ଏହି ସମୟରେ ତାକୁ ଅନେକ ବାଧାବିଘ୍ନର ସାମନା କରିବାକୁ ପଡେ । ତେବେ ନାରୀଟିଏ କ'ଣ ଏକାକୀ ସାହସର ସହ ଏସବୁକୁ ସାମ୍‌ନା କରିପାରିବ ? ଏହାର ଉତ୍ତର ରହିଛି ନିର୍ମାଣାଧୀନ ଓଡ଼ିଆ ସିନେମା 'ରକ୍ତଗୋଲାପ'ରେ । ଉକ୍ତ ଚଳଚ୍ଚିତ୍ରରେ ଜଣେ ସାହସୀ ନାରୀ ଭୂମିକାରେ ଅଭିନୟ କରୁଛନ୍ତି ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଏଲିନା ପ୍ରିୟଦର୍ଶିନୀ । ଫିଲ୍ମଟିର କଥାବସ୍ତୁରେ ଲଭ୍, ଇମୋଶନ ବ୍ୟତୀତ ସସ୍‌ପେନ୍ସ ଥ୍ରୀଲର ମଧ୍ୟ ରହିଛି । ଏହି ସିନେମାଟିର ପ୍ରଯୋଜନା କରିଛନ୍ତି ନବାଗତ ଯୋଡି ଅଶ୍ରୁଜିତ ମହାପାତ୍ର-ଶୋଭନ ଦାସ । ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଶିଶିର କୁମାର ସାହୁ-ପିନାକୀ ସିଂ । ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଅମିତ କୁମାର ଦାସ ଏବଂ ଗଣେଶ ବାରିକ । ଫିଲ୍ମରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆଶିଷ ପ୍ରଧାନ । ଏଥିରେ ଅଭିଷେକ ଗିରି, ସମରେଶ ରାଉତରାୟ, ଚୌଧୁରୀ ଜୟପ୍ରକାଶ ଦାସ, ହର ରଥ ଏବଂ ଉଦିତ ପ୍ରମୁଖ ଅଭିନୟ କରୁଛନ୍ତି ।




ତାରା

# ଗାୟିକାରୁ ନାୟିକା

ତାରା ସୁତାରିଆ ଅଭିନୟ କରିବା ପୂର୍ବରୁ ଗୀତ ଗାଉଥିଲେ । ୨୦୧୦ରେ ଡିଜ୍‌ନୀ ଇଣ୍ଡିଆର ରିୟାଲିଟି ଶୋ'ରେ ସେ ଗୀତ ଗାଇ ବେଶ୍ ପ୍ରଶଂସିତ ହୋଇଥିଲେ । ତା'ପରେ ତାଙ୍କୁ ବଡ ପରଦାରେ କେତୋଟି ଅଫର ମିଳିଥିଲା । କିନ୍ତୁ ସେଗୁଡିକ କେବଳ ଅଫରରେ ହିଁ ରହିଯାଇଥିଲା । କେତେକ କାରଣରୁ ଶେଷ ମୁହୂର୍ତ୍ତରେ ସେ କାଷ୍ଟିଂରୁ ବାଦ୍ ପଡିଥିଲେ । ହେଲେ ନିଜ ଉପରେ ଶତ ପ୍ରତିଶତ ଭରସା ରଖି ଅପେକ୍ଷା କରିଥିଲେ ତାରା । ବଲିଉଡ୍‌ରେ ସୁଯୋଗଟିଏ ପାଇବା ପାଇଁ ତାଙ୍କୁ ବେଶ୍ କିଛି ବର୍ଷ ଅପେକ୍ଷା କରିବାକୁ ପଡିଥିଲା । ୨୦୧୯ରେ ଭାଗ୍ୟଦେବୀ ତାଙ୍କ ପ୍ରତି ପ୍ରସନ୍ନ ହୋଇଥିଲେ । ନାମୀ ପ୍ରଯୋଜକ କରନ୍ ଜୋହର ତାଙ୍କୁ 'ଷ୍ଟୁଡେଣ୍ଟ ଅଫ ଦ ଇୟର ୨'ରେ ପ୍ରଥମେ ବ୍ରେକ୍ ଦେଇଥିଲେ । ଏହି ଫିଲ୍ମର କାଷ୍ଟିଂରେ ଟାଇଗର ଶ୍ରଫ ଏବଂ ଅନନ୍ୟା ପାଣ୍ଡେ ମଧ୍ୟ ଥିଲେ । ପୁନୀତ ମାଲହୋତ୍ରାଙ୍କ ନିର୍ଦ୍ଦେଶିତ ଉକ୍ତ ସିନେମା ବକ୍ସ ଅଫିସରେ ଭଲ ବିଜନେସ୍ କଲା । ହେଲେ ତା'ପରେ ମଧ୍ୟ ପ୍ରଯୋଜକଙ୍କ ଶୁଭ ଦୃଷ୍ଟି ତାରାଙ୍କ ଉପରେ ପଡି ନ ଥିଲା । ତାରାଙ୍କର ସାତ ବର୍ଷର ଆକ୍ଟିଂ କ୍ୟାରିୟରରେ ସେ କେତୋଟି ସିନେମାରେ ଅଭିନୟ କରିଛନ୍ତି ଜାଣନ୍ତି ? ମାତ୍ର ୭ଟି । ତଥାପି ଏ ନେଇ ମନ ଦୁଃଖ କରନ୍ତି ନାହିଁ ସେ । ତାରା କହନ୍ତି, ''ମୋର ଦୃଢ଼ ବିଶ୍ୱାସ ଯେ ଦିନେ ନା ଦିନେ ବଲିଉଡ୍‌ରେ ମୋର ଭାଗ୍ୟ ଉଦୟ ହେବ । ଆଉ ସେ ପର୍ଯ୍ୟନ୍ତ ମୋତେ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡିବ ।'

# ଏବେ ବି ମନେପଡ଼େ..

ଜ୍ୟାକଲିନ୍ ଫର୍ନାଣ୍ଡିଜଙ୍କର ଏବେ ବି ଏକ ଘଟଣା ମନେପଡେ । ଆଉ ଏ ନେଇ ସେ ସଲମାନ ଖାନଙ୍କୁ ଧନ୍ୟବାଦ ଦେଇଥାଆନ୍ତି । ତେବେ ସେହି ସ୍ମରଣୀୟ ଘଟଣାଟି କ'ଣ ଜାଣିବେନି ? କଥା କ'ଣ କି 'କିକ୍' ଫିଲ୍ମରେ ସଲମାନଙ୍କର କୋ-ଆର୍ଟିଷ୍ଟ ଥାଆନ୍ତି ଜ୍ୟାକଲିନ୍ । ଶୁଟିଂ ସମୟରେ ସଲମାନ ତାଙ୍କୁ ଯେଉଁ ଟିପ୍ସ ଦେଇଥିଲେ ସେଗୁଡିକୁ ଏବେ ମଧ୍ୟ ସେ ମନେ ପକାଉଛନ୍ତି । ଏ ନେଇ ଏହି ଶ୍ରୀଲଙ୍କା ସୁନ୍ଦରୀ କହନ୍ତି, ''୨୦୧୪ରେ ସାଜିଦ ନାଦିଆଦୱାଲା ମୋତେ ତାଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଫିଲ୍ମ 'କିକ୍'ରେ ଅଭିନୟ କରିବାକୁ ଅଫର ଦେଇଥିଲେ । ଆଉ ଏଭଳି ସୁଯୋଗକୁ ହାତଛଡା କରିବାକୁ ମୁଁ ଚାହିଁ ନ ଥିଲି । ପୁଣି ଏଥିରେ ସଲମାନଙ୍କ ପରି ଅଭିନେତାଙ୍କ ନାୟିକ ସାଜିବି-ଏକଥା ଜାଣିବା ପରେ ମୋ ଖୁସି ଦ୍ୱିଗୁଣିତ ହୋଇଯାଇଥିଲା । ଏହି ଫିଲ୍ମର ଶୁଟିଂ ବେଳେ ସେ ମୋତେ ଆକ୍ଟିଂ ବିଷୟରେ ଅନେକ ଟିପ୍ସ ଦେଇଥିଲେ । ଏହାବ୍ୟତୀତ ତାଙ୍କଠାରୁ ମୁଁ ଆଉ ଏକ କଥା ମଧ୍ୟ ଶିଖିଥିଲି । ତାହା ହେଲା ପେଣ୍ଟିଂ । ଏ ନେଇ ସଲମାନଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ । ଆଉ ସେସବୁ କଥା ଏବେ ବି ମୋ ମନରେ ବେଶ୍ ସତେଜ ହୋଇ ରହିଛି ।'' ୨୦୦୯ରେ ଜ୍ୟାକଲିନ୍ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ । ତାଙ୍କ ଅଭିନୀତ ପ୍ରଥମ ସିନେମା 'ଆଲ୍ଲାଦିନ୍' ଫ୍ଲପ ହୋଇଥିଲେ ମଧ୍ୟ ସେ ଭାଙ୍ଗି ନ ପଡି ଧୈର୍ଯ୍ୟର ସହ ନିଜ ଆକ୍ଟିଂ କ୍ୟାରିୟରକୁ ଆଗକୁ ଆଗେଇ ନେଇଥିଲେ । ବର୍ତ୍ତମାନ ସେ ଅଭିନୟ କରୁଥିବା 'ୱେଲକମ୍ ଟୁ ଜଙ୍ଗଲ'ର ଶୁଟିଂ ଚାଲୁ ରହିଛି ।



ଜ୍ୟାକଲିନ୍

# ଶିକ୍ଷା ଓ ନୃତ୍ୟ ସ୍ମୃତି ସମ୍ମାନ ଆରମ୍ଭ କଲେ ସୁଜାତା

ପଦ୍ମବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ 'ଗୁରୁକୀର୍ତ୍ତି ନୃତ୍ୟ ଅନୁଷ୍ଠାନ' ୨୦୨୬ ମାର୍ଚ୍ଚ ୨୧ରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ପାଳନ କରିଛି ତା'ର ବାର୍ଷିକ ଉତ୍ସବ। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଂଚାଳକ ଗୁରୁ ସୁଜାତା ମହାପାତ୍ର ତାଙ୍କ ପିତା ଯତୀନ୍ଦ୍ର କୁମାର ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ 'ଶିକ୍ଷା ସ୍ମୃତି ସମ୍ମାନ ୨୦୨୬' ନିଜ ଗ୍ରାମ ପଞ୍ଚାୟତ କ୍ଷୀରକୋଣା ହାଇସ୍କୁଲର ଛାତ୍ରୀ ଲକ୍ଷ୍ମୀପ୍ରିୟା ନାୟକଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ତାଙ୍କୁ ୫୦୦୦ଟଙ୍କା ସହ ଏକ ସ୍ମୃତିଫଳକ ପ୍ରଦାନ କରାଯାଇଛି। ଲକ୍ଷ୍ମୀପ୍ରିୟା ୨୦୨୫ ମାଟ୍ରିକ ପରୀକ୍ଷାରେ ୬୦୦ ନମ୍ବରରୁ ୫୫୮ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଏହାସହିତ ଗୁରୁ ସୁଜାତା ମହାପାତ୍ର ତାଙ୍କ ମା' କୁମୁଦିନୀ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୃତ୍ୟ ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଛାତ୍ରୀ ତପସ୍ୟା ମିଶ୍ରଙ୍କୁ 'ନୃତ୍ୟ ସ୍ମୃତି ସମ୍ମାନ ୨୦୨୬' ସ୍ମୃତିଫଳକ ସହ ୫୦୦୦ ଟଙ୍କା ମଧ୍ୟ ପ୍ରଦାନ କରିଛନ୍ତି। ନିଜ ଅଞ୍ଚଳର ଯୁବପିଢ଼ିଙ୍କୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ସୁଜାତାଙ୍କର ଏହି ପଦକ୍ଷେପକୁ ଅନେକେ ପ୍ରଶଂସା କରିଛନ୍ତି।



ଅତିଥିଙ୍କ ଠାରୁ ଶିକ୍ଷା ସ୍ମୃତି ସମ୍ମାନ ଗ୍ରହଣ କରୁଛନ୍ତି ଲକ୍ଷ୍ମୀପ୍ରିୟା ନାୟକ

## ଏପ୍ରିଲ୍ ଫୁଡ୍

**ଏପ୍ରିଲ୍:** ମାନେ ଶୀତ ସରିବା ପରେ ଗରମର ଆରମ୍ଭ। ବଦଳୁଥିବା ପାଗ ଭିତରେ ସବୁଠୁ ଯଦି ମୁଖ୍ୟ କଥା କ'ଣ ଅଛି, ତାହା ହେଉଛି କ'ଣ ଖାଇବେ ଏହି ସମୟରେ ; ଯାହା ପେଟକୁ ଥଣ୍ଡା ରଖିବା ସହ ଶରୀରକୁ ମଧ୍ୟ ସୁସ୍ଥ ରଖିବ।

✲ **ବେଲପଣା:** ବିଭିନ୍ନ ପ୍ରକାର ଭିଟାମିନ୍ସ, ଆଣ୍ଟିଅକ୍ସିଡାଣ୍ଟ, ଆଇରନ୍, କ୍ୟାଲସିୟମ୍‌ରେ ଭରା ବେଲପଣାକୁ ପିଇଲେ ପେଟ ଥଣ୍ଡା ରହିବା ସହ ଖାଦ୍ୟ ଭଲ ହଜମ ହୁଏ, ରୋଗପ୍ରତିରୋଧକ ଶକ୍ତି ବଢ଼େ ଓ ହୃଦ୍ ସମ୍ବନ୍ଧୀୟ ସମସ୍ୟାରୁ ବି ମୁକ୍ତି ମିଳେ।

✲ **ନିମ୍ବପତ୍ର:** ଆଣ୍ଟି-ବ୍ୟାକ୍ଟେରିଆଲ୍ ଓ ଆଣ୍ଟି ଫଙ୍ଗଲ୍ ଗୁଣରେ ଭରା ନିମ୍ବପତ୍ରର ରସକୁ ଏଦିନେ ପିଇଲେ ବିଭିନ୍ନ ପ୍ରକାର ଚର୍ମରୋଗରୁ ଉପଶମ ମିଳେ। ନିମ୍ବକଢ଼କୁ ଭାଜି ଅବା ନିମ୍ବପତ୍ରକୁ ବାଟି ବରା କରି ଖାଇବା ବି ଏଦିନେ ଉତ୍ତମ ହୋଇଥାଏ।

✲ **କଲରା:** ଏଥିରେ ବ୍ୟାକ୍ଟେରିଆ ଅବା ଭାଇରସ୍‌କୁ ମାରିବାର ବହୁ ଗୁଣକାରୀ ତତ୍ତ୍ୱ ଭରି ରହିଥାଏ। କଲରା ଖାଇଲେ ରକ୍ତ ସଫା ହେବା ସହ ଲିଭର୍ ସୁସ୍ଥ ରହିଥାଏ।

✲ **ତାଳ ମିସିରି:** ଖରାଦିନେ ପେଟକୁ ଥଣ୍ଡା ରଖିବାରେ ଏହା ବେଶ୍ କାମରେ ଆସେ। ରାତିରେ ଗୋଟେ ଗ୍ଲାସ ପାଣିରେ କିଛି ତାଳ ମିସିରି ଭିଜାଇ ସକାଳେ ପିଇଲେ ଖରାଦିନେ ହେଉଥିବା ପରିସ୍ରା ଜଳାପୋଡ଼ାରୁ ମୁକ୍ତି ମିଳେ।

# କ୍ଷଣିକ ରୁଷାକୁ ଲାଜୁଆ ହସ, ବଡ଼ ଅଡୁଆ ପ୍ରେମର ଫାଶ

ସାଥୀ

**ପ୍ରଶ୍ନ**—ଜଣେ ଝିଅ ଦେଖିଲେ କେତେବେଳେ ହସି ଦେଉଛି ତ କେତେବେଳେ ରୁଷୁଛି। ତାହାର ଏହି ହସ ଆଉ ରୁଷା ଭିତରେ ପ୍ରେମ ଲୁଚି ରହିଛି କି ?

*—ଦିନେଶ, ଯାଜପୁର*

**ଉତ୍ତର:** ହସ ଆଉ ରୁଷା-ଏ ଦୁଇଟିକୁ ପ୍ରେମର ଗହଣା ଭାବରେ ନେଇ ପାରନ୍ତି। କାରଣ ବେଳେବେଳେ ପ୍ରେମକୁ ନେଇ ଆପଣଙ୍କ ମନ ଆକାଶରେ ଉଡି ବୁଲୁଥିବା ଅନେକ ଅସମାହିତ ପ୍ରଶ୍ନାବଳୀର ଉତ୍ତର ସେଇଥିରେ ହିଁ ନିହିତ ଥାଏ। 'କ୍ଷଣିକ ରୁଷାକୁ ଲାଜୁଆ ହସ, ବଡ ଅଡୁଆ ପ୍ରେମର ଫାଶ'। ତେଣୁ ସେହି ଲାଜୁଆ ହସ ଆଉ ରୁଷାକୁ ଥଣ୍ଡା ମିଜାଜରେ ତର୍ଜମା କରନ୍ତୁ। ହୁଏତ ଆପଣ ଯାହା ଖୋଜୁଛନ୍ତି ତାହା ସେଇଥିରେ ହିଁ ଲୁଚି ରହିଛି।

**ପ୍ରଶ୍ନ**—ଜଣେ ଝିଅକୁ ମୁଁ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲିଣି। ସେ ମୋତେ କିଛି କହିବାକୁ ଚାହୁଁଛି, ହେଲେ କହିପାରୁ ନାହିଁ କାହିଁକି ?

*—ଅମନ ସାହୁ, ବ୍ରହ୍ମପୁର*

**ଉତ୍ତର:** ଜଣେ ସୁନ୍ଦରୀକୁ ଆପଣ ଅନେକ ଥର ଆଇ ଲଭ ୟୁ କହିସାରିଲେଣି। ହେଲେ କିଛି ଫଳ ମିଳୁନି। ପୁଣି ଉଲ୍ଲେଖ କରିଛନ୍ତି ଯେ ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି, ହେଲେ କହିପାରୁନି। ବେଳେବେଳେ ମନର କଥା ମନ ଭିତରେ ଥାଏ। ସମୟ ଆସିଲେ ତାହା ଆପେ ଆପେ ବାହାରି ଆସେ। ସେ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିବାର ଅଛି। ଯଦି ବା କେତେବେଳେ ସେହି ସୁନ୍ଦରୀ ଆପଣଙ୍କୁ ଗ୍ରୀନ୍ ସିଗ୍ନାଲ ଦେଖାନ୍ତି, ସେତେବେଳେ ଆଉ ସମୟର ଅପଚୟ ନ କରି ମନ ସହ ମନ ଯୋଡି ଦିଅନ୍ତୁ।

**ପ୍ରଶ୍ନ**—ଜଣେ ସୁନ୍ଦରୀ ମୋ ସହ ନଖରାମି କରୁଛି। ତାକୁ ପ୍ରେମ କରିବା ଠିକ୍ ହେବ କି ?

*—ପ୍ରୀତମ ଦାସ, ପୁରୀ*

**ଉତ୍ତର:** ଅନେକ ସମୟରେ ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେ ଜଣ ତାହାକୁ ଗମ୍ଭୀରତାର ସହ ଗ୍ରହଣ କରୁଥିବା ବେଳେ କେତେକ ତାହାକୁ ହାଲୁକା ଭାବରେ ନେଇଥାଆନ୍ତି। ଯେଉଁ ସୁନ୍ଦରୀ ଆପଣଙ୍କ ସହ ନଖରାମି କରୁଛି, ସେହି ନଖରାମିରୁ ଆପଣଙ୍କ ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ ନା ! ଉଭୟ ନଖରାମି ଏବଂ ପ୍ରେମର ମିଶ୍ରିତ ମଜା ରସଗୋଲା ପରି ମିଠା ଲାଗିଥାଏ। ବାସ୍, ତାହାର ମଜା ନେବା ସହ ଆଗକୁ ପାଦ ବଢ଼ାନ୍ତୁ।

**ପ୍ରଶ୍ନ**—ଯାହାକୁ ପ୍ରେମ କରୁଥିଲି ତାକୁ ମୋ ସାଙ୍ଗ ବାହା ହୋଇଗଲା। ଏବେ ପୁଣି ଥରେ ମୁଁ ସେହି ପୂର୍ବ ପ୍ରେମିକା ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ଜାଣିପାରୁନାହିଁ ?

*—କେ.ଏସ., ଖୋର୍ଦ୍ଧା*

**ଉତ୍ତର:** ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲେ ସେ ବର୍ତ୍ତମାନ ଆପଣଙ୍କ ବନ୍ଧୁଙ୍କର ଧର୍ମପତ୍ନୀ। ପୁଣି ଏପରି ସଂଯୋଗ ଯେ ଏବେ ପୁଣି ଥରେ ଆପଣ ତା' ପ୍ରେମରେ ପଡିଛନ୍ତି। ଯଦି ଆପଣ ବନ୍ଧୁଙ୍କ ପତ୍ନୀଙ୍କୁ ପ୍ରେମ କରି ଆଗକୁ ଆଗାନ୍ତି ତେବେ ତାହାର ପରିଣାମ କ'ଣ ହେବ କେବେ ଚିନ୍ତା କରିଛନ୍ତି ? ଯଦି ଆପଣଙ୍କ ପ୍ରେମିକାଙ୍କ ପତିଦେବ ଏକଥା ଜାଣିପାରନ୍ତି ତା'ହେଲେ ପରବର୍ତ୍ତୀ ସମୟରେ ଏହା ଏପରି ବିସ୍ଫୋରଣର ରୂପ ନେବ ଯାହାକୁ ସାମନା କରିବା ଆଦୌ ସହଜ ହେବ ନାହିଁ। ତେଣୁ ପୁଣି ଥରେ ସେ ଶୁପ୍ତ ଘା'କୁ ଉଖୁରେଇବାକୁ ଚେଷ୍ଟା ନ କରିବା ଭଲ। ଏଭଳି ଭାବନା ଆପଣଙ୍କ ମନରୁ ଯେତେ ଶୀଘ୍ର ପୋଛି ଦେବେ ଆପଣ ସେତେ ଶୀଘ୍ର ଟେନ୍‌ସନ ଫ୍ରି ରହିବେ।



# ଶରୀର ପାଇଁ ଅମୃତ



**ଜଳ ଅର୍ଥାତ୍ ଜୀବନ। ଜଳ ବିନା ପ୍ରାଣୀଜଗତ ତିଷ୍ଠି ରହିବା ଅସମ୍ଭବ। ଜଳ କେବଳ ଶୋଷ ମେଣ୍ଟାଏ ନାହିଁ ଏହା ଅନେକ ରୋଗ ଉପଶମର କାରଣ ବି ସାଜିଥାଏ ।**

ଜଣେ ସୁସ୍ଥ ବ୍ୟକ୍ତିଙ୍କ ପକ୍ଷେ ପ୍ରତ୍ୟହ ୮ରୁ ୧୦ ଗ୍ଲାସ୍ ପାଣି ପିଇବା ବିଧେୟ। ଏହାଦ୍ୱାରା ଶରୀରର ତାପମାତ୍ରା ନିୟନ୍ତ୍ରଣରେ ରହେ, ପାଚନକ୍ରିୟା ସକ୍ରିୟ ହୁଏ, ତ୍ୱଚାର ନମନୀୟତା ବଜାୟ ରହିବା ସଙ୍ଗେ ସଙ୍ଗେ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଥାନ୍ତି। ଏହାବାଦ୍ ପାଣି ପିଇବାର ଆହୁରି ଅନେକ ଉପକାର ମଧ୍ୟ ରହିଛି ...

* ନିୟମିତ ଠିକ୍ ପରିମାଣର ପାଣି ପିଇଲେ ପାଚନତନ୍ତ୍ର ସୁଚାରୁରୂପେ କାର୍ଯ୍ୟ କରିଥାଏ ; ଯଦ୍ଦ୍ୱାରା ଖାଦ୍ୟ ଭଲରେ ହଜମ ହୋଇଯାଇ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତିଦିଏ।
* ଖାଇବା ସମୟରେ ପାଟିରୁ ଲାଳ ବାହାରେ ; ଯାହାକି ଖାଦ୍ୟ ହଜମ କରାଇବାରେ ସାହାଯ୍ୟ କରେ। ହେଲେ ପାଣି ପିଇବା କମିଗଲେ ପାଟିରୁ ଏହି ଲାଳ ବାହାରିବା ମଧ୍ୟ କମିଯାଏ। ଫଳରେ ଆମେ ଯେଉଁ ଖାଦ୍ୟ ଖାଉ ତାହା ଠିକ୍‌ରେ ହଜମ ନ ହୋଇ ଗ୍ୟାଷ୍ଟ୍ରିକ୍ ସମସ୍ୟା ଦେଖାଦିଏ।
* ପାଣି ପିଇବା ଦ୍ୱାରା ଶରୀର ହାଇଡ୍ରେଟ୍ ରହେ ; ଯଦ୍ଦ୍ୱାରା ତ୍ୱଚା ଉଜ୍ଜ୍ୱଳ ଓ ସଫା ଦେଖାଯାଇଥାଏ।
* ନିୟମିତ ପାଣି ପିଇବା ଠିକ୍ ରହିଥିଲେ ଶରୀରରେ ଥିବା ଟକ୍ସିନ୍ ବା ଅପରିଷ୍କାର ପଦାର୍ଥ ଝାଳ ଓ ପରିସ୍ରା ଦେଇ ବାହାରକୁ ବାହାରିଯାଏ।
* ପାଣି ପିଇବା ଦ୍ୱାରା ଥକ୍କାପଣ ଦୂରହୋଇ ମାନସିକ ଶାନ୍ତି ମିଳେ। ଫଳରେ ଧ୍ୟାନ କେନ୍ଦ୍ରିତ କ୍ଷମତା ବୃଦ୍ଧି ହୋଇଥାଏ।
* ଖାଦ୍ୟ ଖାଇବାର ଅଧଘଣ୍ଟା ପୂର୍ବରୁ ଗୋଟେ ଗ୍ଲାସ୍ ପାଣି ପିଇବା ଦ୍ୱାରା ଭୋକର ମାତ୍ରା କମିଯାଏ ; ଯଦ୍ଦ୍ୱାରା ଲୋଭବଶତଃ ଆମେ ଅଧିକ ଖାଦ୍ୟ ଖାଇପାରୁନା। ଏହା ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୁଏ।



* ପାଣି ପିଇବା ଦ୍ୱାରା ଜଏଣ୍ଟ ପେନ୍ ବି କମ୍ ହୋଇଥାଏ ବୋଲି ସୂଚନା ରହିଛି।
* ନିୟମିତ ଯଦି କୌଣସି ବ୍ୟକ୍ତି ଠିକ୍ ପରିମାଣର ପାଣି ପିଉଥାନ୍ତି, ତା'ହେଲେ ତାଙ୍କଠାରେ କିଡ୍‌ନୀ ଷ୍ଟୋନ୍ ହେବା ସମ୍ଭାବନା ଖୁବ୍ କମ୍ ରହିଥାଏ।
* ନିୟମିତ ଠିକ୍ ପରିମାଣର ପାଣି ପିଇଲେ ମୁଣ୍ଡବିନ୍ଧା, ଅଧକପାଳି ବିନ୍ଧା, ଥକ୍କାପଣ ତଥା ବ୍ଲଡ୍ ପ୍ରେସର ରୋଗରୁ କେତେକାଂଶରେ ମୁକ୍ତି ମଳିଥାଏ।

### କେଉଁ ପାଣି ପିଇଲେ କି ଉପକାର ମିଳେ

* **ଆଲକାଲାଇନ ୱାଟର :** ଏହି ପାଣିର ପିଏଚ୍ ଲେଭଲ ଅନ୍ୟ ସାଧାରଣ ପାଣିର ପିଏଚ୍ ଲେଭଲ ତୁଳନାରେ ଟିକେ ଅଧିକ ଥାଏ ; ଯାହା ଶରୀର ପାଇଁ ଖୁବ୍ ଉପକାରୀ ହୋଇଥାଏ। ଏହି ପାଣି ପିଇବା ଦ୍ୱାରା ଶରୀରରେ ଏସିଡିଟିର ସ୍ତର କମି ପାଚନ କ୍ରିୟାରେ ସୁଧାର ଆସିଥାଏ। ଏହା ଶରୀରକୁ ଡିଟକ୍ସିଫାଏ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ। ସେଲିବ୍ରିଟି, ଆଥ୍‌ଲେଟ୍ସ ତଥା ଫିଟ୍‌ନେସ୍ ପ୍ରିୟ ବ୍ୟକ୍ତିମାନେ ଏହି ପାଣି ପିଇବାକୁ ବେଶି ପସନ୍ଦ କରିଥାନ୍ତି।
* **ପଇଡ଼ ପାଣି:** ଶରୀରକୁ ହାଇଡ୍ରେଟ୍ ରଖିବାରେ ଏହା ବେଶ୍ ଉପକାରୀ ହୋଇଥାଏ। ପାଚନରେ ସୁଧାର ଆଣିବା, ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା, କିଡ୍‌ନୀ ଷ୍ଟୋନ୍ ହେବାରୁ ରକ୍ଷାକରିବା, ତ୍ୱଚାକୁ ଉଜ୍ଜ୍ୱଳ ରଖିବା ତଥା ଓଜନକୁ ନିୟନ୍ତ୍ରଣରେ ରଖିବାରେ ପଇଡ଼ ପାଣି ବି ଖୁବ୍ କାମରେ ଆସିଥାଏ। ଏହାକୁ ନାଚୁରାଲ ସ୍ପୋର୍ଟ୍ସ ଡ୍ରିଙ୍କ୍ ବୋଲି ବି କେହି କେହି କହିଥାନ୍ତି।
* **ତମ୍ବାପାତ୍ରର ପାଣି:** ତମ୍ବାପାତ୍ରରେ ଥିବା ପାଣିକୁ ପିଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ଗ୍ୟାଷ୍ଟ୍ରିକ୍ ସମସ୍ୟାରୁ ମୁକ୍ତି ମିଳିଥାଏ।
* **ଉଷୁମ ପାଣି:** ପାଣିକୁ ସାମାନ୍ୟ ଉଷୁମକରି ପିଇଲେ ବି ଅନେକ ଉପକାର ମିଳେ। ଯେମିତିକି ଖାଦ୍ୟକୁ ଭଲରେ ହଜମ କରାଇବା, ଶରୀରକୁ ଡିଟକ୍ସିଫାଏ କରିବା, ଓଜନକୁ ନିୟନ୍ତ୍ରଣରେ ରଖିବା, ଶରୀରରେ ରକ୍ତସଞ୍ଚାର ଠିକ୍‌ରେ କରାଇବା ଏବଂ ଥଣ୍ଡାକାଶରୁ ସାମାନ୍ୟ ଉପଶମ ଦେବା ଇତ୍ୟାଦି।

ଏଥିରୁ ଅନୁମାନ କରାଯାଏ, ପାଣି କେବଳ ସ୍ୱାସ୍ଥ୍ୟ ଭଲ ରଖେନାହିଁ, ସୌନ୍ଦର୍ଯ୍ୟ ବୃଦ୍ଧିରେ ବି ସହାୟକ ହୋଇଥାଏ। ସେଥିପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ଆବଶ୍ୟକ ଅନୁଯାୟୀ ସ୍ୱଚ୍ଛ ପାଣି ପିଅନ୍ତୁ ଓ ଅନେକ ଶାରୀରିକ ସମସ୍ୟାରୁ ନିଜକୁ ସୁରକ୍ଷିତ ରଖନ୍ତୁ।





## ହାଃ ହାଃ

### ପରିବର୍ତ୍ତନ

ଯୋଗ ଗୁରୁ ମଦୁଆର ସ୍ତ୍ରୀକୁ– ଅନେକ ଦିନ ହେବ ଆପଣଙ୍କ ସ୍ୱାମୀ ମୋ ପାଖରେ ଯୋଗ କରୁଛନ୍ତି। ତାଙ୍କ ମଦ ପିଇବା ଅଭ୍ୟାସରେ କିଛି ପରିବର୍ତ୍ତନ ଆସିଥିବା ଅନୁଭବ କଲଣି ?
ମଦୁଆର ସ୍ତ୍ରୀ– ହଁ। ସେ ଆଗଭଳି ଆଉ ସିଧା ବସିକି ମଦ ପିଉ ନାହାନ୍ତି। ଏବେ ମୁଣ୍ଡ ତଳକୁ କରି ଠିଆ ହୋଇ ମଦ ପିଉଛନ୍ତି।

### ଫିଫ୍‌ଟି ଫିଫ୍‌ଟି

ଚିଣ୍ଟୁ ପିଣ୍ଟୁ ଗଲାବେଳେ ରାସ୍ତାରେ ୧୦୦୦ଟଙ୍କା ପାଇଲେ। ଚିଣ୍ଟୁ ଖୁସିରେ ଉଠାଇ ଆଣିଲା। ଆଉ କହିଲା ଆମେ ଫିଫ୍‌ଟି ଫିଫ୍‌ଟି କରିନେବା।
ପିଣ୍ଟୁ– ତେବେ ବାକି ୯୦୦ଟଙ୍କା ଆମେ କାହାକୁ ଦେବା ? ଟଙ୍କା ଆମେ ପାଇଲେ ଆଉ କାହାକୁ କାହିଁକି ଦେବା ?

### ଆଶୀର୍ବାଦ

ଭିକାରୀ ମର୍ସିଡିଜ୍ କାର୍‌ରେ ବସିଥିବା ଜଣେ ମହିଳାଙ୍କୁ– ମା’ ଏଇ ଗରିବ ଭିକାରୀକୁ କିଛି ଦିଅ।
ମହିଳା– ନିଅ ୧୦ ଟଙ୍କା। ଭିକାରୀ ଟଙ୍କା ନେଇ ଚାଲି ଯାଉଥାଏ। ମହିଳା ପାଟି କରି– ଟଙ୍କା ଦେଲି କିଛି ତ ଆଶୀର୍ବାଦ ଦିଅ।
ଭିକାରୀ– ମର୍ସିଡିଜ୍‌ରେ ବସିଛ। ଆହୁରି କ’ଣ ରକେଟ୍‌ରେ ବସିବାକୁ ଇଚ୍ଛା ନା କ’ଣ ?

### ନାଁ

ନାତୁଣୀ ଜେଜେବାପାଙ୍କୁ–ଜେଜେ, ତମକୁ ଆସି ୮୦ ବର୍ଷ ବୟସ ହେଲାଣି। ଏବେ ବି ତମେ ଜେଜେମା’କୁ ଏତେ ଭଲ ପାଉଛ ଯେ, ସ୍ୱିଟି, ଜାନୁ, ମାଇଁ ଲଭ୍ କହି ଡାକୁଛ।
ଜେଜେ– ମୋ ପାଖକୁ ଆସେ। ଗୋଟେ ସିକ୍ରେଟ୍ କହିବି। ଅସଲ କଥା ହେଲା ମୁଁ ତୋ ଜେଜେମା’ର ନାଁ ଭୁଲିଯାଇଛି। ପଚାରିବାକୁ ସାହସ ହେଉନି। ସେଥିପାଇଁ ଏମିତି ଡାକୁଛି।





# ସାନଖେମୁଣ୍ଡି

୧୭୮୦ ମସିହାରେ ଖେମୁଣ୍ଡି ବିଭାଜନ ହେବା ଫଳରେ ପ୍ରତାପଗିରି ଗାଦିରେ କନିଷ୍ଠଭ୍ରାତା ଗଜପତି ଜଗନ୍ନାଥ ଦେବ ରାଜତ୍ୱ କଲେ । କ୍ରମେ ତାହା ସାନଖେମୁଣ୍ଡି ନାମରେ ନୂଆ ପରିଚୟ ପାଇଲା। ୧୮୦୭ ମସିହାରେ ପ୍ରତାପଗିରିରୁ ରାଜଧାନୀ ପୋଡାମାରିକୁ ସ୍ଥାନାନ୍ତର ହେଲା । ଗଞ୍ଜାମର ୨୩ ଗୋଟି ଜମିଦାରି ମଧ୍ୟରେ ଆୟତନ ଦୃଷ୍ଟିରୁ ସାନଖେମୁଣ୍ଡି ସର୍ବ ବୃହତ ; ଯାହା ଓଡିଶାର ତୃତୀୟ ସର୍ବ ବୃହତ୍ତମ ଜମିଦାରି ଥିଲା। ୨୧୫୫ ବର୍ଗ ମାଇଲ ଆୟତନର ଏହି ଜମିଦାରି ଅଞ୍ଚଳରେ ସମତଳ ଅଞ୍ଚଳର ପରିମାଣ ଅପେକ୍ଷା ମାଳ ଅଞ୍ଚଳ ଅଧିକ। ଏଠାରେ ୧୯୭୫ ବର୍ଗ ମାଇଲ ମାଳ ଅଞ୍ଚଳ ଥିଲା ବେଳେ ମାତ୍ର ୧୮୦ ବର୍ଗ ମାଇଲ ସମତଳ ଅଞ୍ଚଳ ରହିଛି। ସମତଳ ଅଞ୍ଚଳର ଗ୍ରାମ ସଂଖ୍ୟା ପ୍ରାୟ ୨୦୦। ସମତଳ ଅଞ୍ଚଳକୁ ପ୍ରତାପଗିରି, ସିଦ୍ଧେଶ୍ୱର, ଗୁଡ଼ାରି, ଖାରିମୁଠା, ଅଠେଇଶ ମୁଠା ଆଦି ପାଞ୍ଚଗୋଟି ମୁଠା ବା ରାଜସ୍ୱ ଅଞ୍ଚଳରେ ବିଭକ୍ତ କରାଯାଇଥିଲା। ମାଳ ଅଞ୍ଚଳକୁ ୧୯ ଗୋଟି ମୁଠାରେ ବିଭକ୍ତ କରାଯାଇଥିଲା।

ବର୍ତ୍ତମାନ ଗଞ୍ଜାମ ଜିଲାର ସମଗ୍ର ପାଟପୁର ତହସିଲ, ଦିଗପହଣ୍ଡି ତହସିଲ ୨୦ ଗୋଟି ଗ୍ରାମ ଏବଂ ସମଗ୍ର କନ୍ଧମାଳ ଜିଲାର ଚନ୍ଦ୍ରଗିରି, ଚାନ୍ଦିପୁଟ, ବିରିକୋଟ ପ୍ରଭୃତି ଅଞ୍ଚଳ ସାନଖେମୁଣ୍ଡି ଜମିଦାରି ଅଧୀନରେ ଥିଲା। ୧୮୭୨ ମସିହାରେ ଇଂରେଜ ପ୍ରଶାସନ ଦ୍ୱାରା ପ୍ରଣୀତ ଏକ ସ୍ୱତନ୍ତ୍ର ଆଇନ ବଳରେ ମାଳ ଅଞ୍ଚଳକୁ ବାଜ୍ୟାପ୍ତ କରି ରାଜାଙ୍କ ହାତରୁ ମାଳ ଅଞ୍ଚଳ ବାହାର କରି ନିଆଗଲା। ରାଜା ଜଗନ୍ନାଥ ଦେବ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ସରକାରଙ୍କ ରାଜତ୍ୱକୁ ବିରୋଧ କରି ସମଗ୍ର ଗଞ୍ଜାମରେ ବ୍ରିଟିଶ ଶାସନ ବିରୁଦ୍ଧରେ ସଂଗଠନ ଗଢ଼ି ସଂଗ୍ରାମ କରିଥିଲେ। ଦୁଇ ଦଶନ୍ଧି ଧରି ବ୍ରିଟିଶ ଶାସନ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିବା ସମୟରେ ତାଙ୍କ ଦେହାନ୍ତ ହେଇଥିଲା। ଜଗନ୍ନାଥ ଦେବଙ୍କ ପରେ ତାଙ୍କ ପୁତ୍ରଙ୍କୁ ରାଜା ଘୋଷଣା କରାଯାଇଥିଲା। ରାଜଗାଦି ପାଇଁ ଭ୍ରାତୃବିବାଦ ମକଦ୍ଦମାରେ ୧୯୫୩ ମସିହାରେ ଜମିଦାରି ଉଚ୍ଛେଦ ହେଲା। ସ୍ୱାଧୀନତା ସଂଗ୍ରାମ ସମୟରେ ରାଣୀ ହୀରାମାଳା, ରାଣୀ ରତ୍ନମାଳାଦେବୀ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସହାୟତା ପ୍ରଦାନ କରିଥିଲେ।

ଓଡିଶାର ଏକ ବୃହତମ ବଡ଼ଦାଣ୍ଡ ହେଉଛି ସାନଖେମୁଣ୍ଡିର ପ୍ରତାପଗିରି ବଡ଼ଦାଣ୍ଡ। ଏହି ବଡ଼ଦାଣ୍ଡରେ ଏକାଥରକେ, ଆଗପଛ ହୋଇ, ତିନିରଥ ଗଡୁଥିଲା ଯାହାକି ଏକ ବିରଳ ପରମ୍ପରା। ପ୍ରତାପଗିରି ରଥର ଉଚ୍ଚତା ଥିଲା ୪୨ ହାତ। ୧୬୪୨ ଖ୍ରୀଷ୍ଟାବ୍ଦରେ ମହାରାଜା ଅନନ୍ତ ଅନଙ୍ଗ ଦେବଙ୍କ ସମୟରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପୂଜନ ଆରମ୍ଭ ହେଇଥିଲା। ଅସ୍ଥାୟୀ ଛଣ ଘରେ ଠାକୁର ଦୀର୍ଘ ବର୍ଷ ପୂଜା ପାଇଲା ପରେ ୧୯୯୯ ମସିହାରେ ଉକ୍ତ ମନ୍ଦିର ନିର୍ମାଣ ହୋଇ ଫେବୃଆରୀ ୨୦୨୬ରେ ଭବ୍ୟ ମନ୍ଦିର ପ୍ରତିଷ୍ଠା ହେଇ ସାନନ୍ଦ ଶ୍ରୀକ୍ଷେତ୍ର ନାମରେ ନୂଆ ପରିଚୟ ପାଇଛି।

ପାଟପୁର ନିକଟରେ ନେଳୀବଙ୍ଗଳା ନାମକ ଏକ ଗ୍ରାମ ଅଛି,୧୮୫୦ ମସିହାରେ ବ୍ରିଟିଶ ଅମଳରେ ଏଠାରେ ଏକ ନୀଳ କାରଖାନା ପ୍ରତିଷ୍ଠା ହୋଇଥିଲା। ସେ କାଳରେ ଏ ଅଞ୍ଚଳରେ ନୀଳ ନାମକ ଏକ ଗୁଳ୍ମଜାତୀୟ ଫସଲ ପ୍ରଚୁର ପରିମାଣରେ ଚାଷ କରାଯାଉଥିଲା, ସେହି ଗୁଳ୍ମରୁ ନୀଳ ଆଦାୟ କରି ଇଂଲଣ୍ଡ, ଆମେରିକା, ଫ୍ରାନ୍ସ ଜର୍ମାନୀ ପଠା ଯାଉଥିଲା,୧୯୨୫ ମସିହା ବେଳକୁ ଏହି କାରଖାନା ବନ୍ଦ ହୋଇଗଲା। ଏହି କାରଖାନାର ଭଙ୍ଗା କୁଣ୍ଡଟିଏ ପୋଡାମାରି ଅଙ୍ଗେଇତ ପୋଖରୀ ଭିତରେ ଅଛି। ସେତେବେଳେ ଗଞ୍ଜାମ ପ୍ରସ୍ତୁତ ନୀଳରଙ୍ଗର ଚାହିଦା ବିଦେଶରେ ଖୁବ୍ ରହିଥିଲା।
ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବିହଙ୍ଗ ବିଜ୍ଞାନୀ ତଥା ଗୌରବମୟ ସାନଖେମୁଣ୍ଡି ରାଜ୍ୟର ଶେଷ ରାଜା ଡ. ଉଦୟ ନାରାୟଣ ଦେବ ଓଡ଼ିଶା ବିଧାନସଭାକୁ ୧୯୭୪, ୧୯୭୭ ଏବଂ ୧୯୮୦ରେ ନିର୍ବାଚିତ ହୋଇଥିଲେ। ପକ୍ଷୀମାନଙ୍କ ସମ୍ପର୍କରେ ଅନେକ ଉଲ୍ଲେଖନୀୟ ଗବେଷଣା କରି ପୁସ୍ତକ ରଚନା କରିଛନ୍ତି। ୨୦୨୨ ମସିହା ୨ ଫେବୃଆରୀରେ ତାଙ୍କର ପରଲୋକ ହୋଇଥିଲା। ପରେ ତାଙ୍କ ପୁତ୍ର ବୀର କିଶୋର ଦେବଙ୍କୁ ରାଜା ରୂପେ ଘୋଷଣା କରାଗଲା। ସାନଖେମୁଣ୍ଡିରେ ଅନେକ ପର୍ଯ୍ୟଟନସ୍ଥଳୀ ରହିଛି ; ବୃହତ୍ତମ ପର୍ବତ ସିଂହରାଜର ଶୋଭାରାଜି ସବୁବେଳେ ପର୍ଯ୍ୟଟକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଥିବାବେଳେ ପ୍ରସିଦ୍ଧ ତପ୍ତପାଣି ଉଷ୍ମ ପ୍ରସ୍ରବଣ ସାନଖେମୁଣ୍ଡିରେ ଅବସ୍ଥିତ। ଭଞ୍ଜ ରାଜାଙ୍କ ଝିଅଙ୍କୁ ସାନଖେମୁଣ୍ଡି ରାଜା ବିବାହ କରିଛନ୍ତି। ଭଞ୍ଜ ରାଜାଙ୍କ ସମ୍ମାନରେ ସାନଖେମୁଣ୍ଡି ରାଜା ପୋଡାମାରି ଗଡ଼ରେ ଭଞ୍ଜସାହି ନାମରେ ଏକ ସାହି ବସାଇଥିଲେ, ଆଜି ମଧ୍ୟ ପୋଡାମାରିରେ ଭଞ୍ଜସାହି ଅଛି।


*–ଚିନ୍ମୟ ରଞ୍ଜନ ମିଶ୍ର , ମୋ: ୯୪୩୯୪୦୭୧୮୧,*
*ସହାୟକ ଗ୍ରନ୍ଥ: ସମ୍ରାଟ, ଫଟୋ: ନିରାକାର*





# ଭୱାଲି





**ଉତ୍ତରାଖଣ୍ଡର ନୈନିତାଲ ଜିଲା ଅନ୍ତର୍ଗତ ଏକ ଆକର୍ଷଣୀୟ ସହର ହେଉଛି ଭୱାଲି । ସମୁଦ୍ରପତ୍ତନରୁ ପ୍ରାୟ ୧୬୫୪ ମିଟର ଉଚ୍ଚତାରେ ଥିବା ଏହି ସହରରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ଅନେକ ଆଖିଦୃର୍ଶୀୟା ଦର୍ଶନୀୟ ସ୍ଥାନମାନ ।**

ଭୱାଲି ହେଉଛି ଏକ ମନୋରମ ସହର ; ଯାହାକି ଉତ୍ତରାଖଣ୍ଡର ନୈନିତାଲ ଜିଲାରେ ଅବସ୍ଥିତ । ଜନଗହଳିପୂର୍ଣ୍ଣ ପରିବେଶରୁ ଦୂରରେ ଥିବା ଏହି ସହରର ଶାନ୍ତ ବାତାବରଣ ଓ ସ୍ୱଚ୍ଛ ଜଳବାୟୁରେ କିଛି ସମୟ ବିତାଇବା ପାଇଁ ପର୍ଯ୍ୟଟକଙ୍କର ଏଠି ଭିଡ଼ ଜମେ । ପର୍ଯ୍ୟଟକ ଏଠାରେ ବହୁ ପ୍ରାଚୀନ ମନ୍ଦିର, ହ୍ରଦ ତଥା ଅନ୍ୟ କେତେକ ଆଖିଦୃର୍ଶୀୟା ପର୍ଯ୍ୟଟନସ୍ଥଳୀମାନ ଦେଖିବାକୁ ପାଇପାରିବେ । ଏଥିସହିତ ବିଭିନ୍ନ ପ୍ରକାରର ଫଳ ବି ଏଠାରୁ ସୁଲଭ ଦରରେ କିଣିପାରିବେ ।

## କ'ଣ ଦେଖିବେ

ଅପୂର୍ବ ପ୍ରାକୃତିର ସୌନ୍ଦର୍ଯ୍ୟରେ ଭରା ଏହି ସହରରେ ବହୁ ଉଚ୍ଚ ଉଚ୍ଚ ପାହାଡ଼ମାନ ପର୍ଯ୍ୟଟକ ଦେଖିପାରିବେ । ଏହି ପାହାଡ଼ ସନ୍ଧିରୁ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଅପୂର୍ବ ଦୃଶ୍ୟ ଦେଖିବା ବେଶ୍ ମନୋରମ ଲାଗିଥାଏ । କୈଞ୍ଚି ଧାମ୍ ଏଠାକାର ଏକ ଲୋକପ୍ରିୟ ଧାର୍ମିକ ପୀଠ । ଗୋଲୁ ଦେବତା ମନ୍ଦିର, ଜାବର ମହାଦେବ ମନ୍ଦିର ବି ହେଉଛି ଏଠାକାର ଦୁଇ ପ୍ରାଚୀନ ମନ୍ଦିର । ସେହିପରି ଏହି ସହରର ନିକଟବର୍ତ୍ତୀ ଅଞ୍ଚଳରେ ଅନେକ ହ୍ରଦ ଥିବାର ମଧ୍ୟ ପର୍ଯ୍ୟଟକ ଦେଖିପାରିବେ । ଯେମିତିକି ଭୀମତାଲ୍, ସାତ୍ ତାଲ୍, ନୌକୁଚିୟାତାଲ୍, ନଳ ଦମୟନ୍ତୀ ତାଲ୍, ସୁଖା ତାଲ୍, ଖୁର୍ପା ତାଲ୍ ଇତ୍ୟାଦି ଅନ୍ୟତମ । କେବଳ ସେତିକି ନୁହେଁ, ଏହି ସହରର ବିଭିନ୍ନ ସ୍ଥାନରେ ଯେଉଁ ପାହାଡ଼ମାନ ରହିଛି, ସେଥିରେ ଦେବଦାରୁ ବୃକ୍ଷ ଏବଂ ଅନ୍ୟାନ୍ୟ ଔଷଧୀୟ ବୃକ୍ଷ ଦେଖିବାର ସୁଯୋଗ ବି ପର୍ଯ୍ୟଟକ ପାଇପାରିବେ ।

ଏସବୁବ୍ୟତିତ ଏହି ସହରର ବିଭିନ୍ନ ସ୍ଥାନରେ ଜୈବିକ ପଦ୍ଧତିରେ ଚା' ଚାଷ ଓ ବିଭିନ୍ନ ପ୍ରକାରର ଫଳ ଚାଷ ବି କରାଯାଇଥାଏ । ବିଶେଷକରି ସେଓ, ପିଚ୍, ପ୍ଲମ୍ ଓ ଆପ୍ରିକଟ୍ ଚାଷ ଏଠି ଭଲ ହୋଇଥାଏ । ତେଣୁ ପର୍ଯ୍ୟଟକ ଚାହିଁଲେ ଏଠାରେ ଥିବା ଚା' ଓ ଫଳ ବଗିଚା ଆଦି ବୁଲିବା ସହ ସୁଲଭ ଦରରେ ଏଠୁ ଚା' ଓ ଫଳମୂଳ ଆଦି କିଣି ଆଣିପାରିବେ ।

## ପକ୍ଷୀପ୍ରେମୀଙ୍କ ପାଇଁ ସ୍ୱର୍ଗ

ଏଠାକାର ସବୁଜିମାଭରା ପରିବେଶରେ ଜାତିଜାତିକା ପକ୍ଷୀଙ୍କୁ ଦେଖିବାର ସୁଯୋଗ ବି ପର୍ଯ୍ୟଟକ ପାଇପାରିବେ । କେବଳ ସେତିକି ନୁହେଁ ଏଠାକାର ପାହାଡ଼ିଆ ଅଞ୍ଚଳରେ ଟ୍ରେକିଂ, ସାଇକ୍ଲିଂ, ବାଇକିଂ କରିବାର ମଜା ବି ବେଶ୍ ନିଆରା ଲାଗେ ।


## କ'ଣ କିଣିବେ


ଏଠି ଭଲ ଫ୍ରୁଟ୍ ଜାମ୍, ଆଚାର ଓ ଫ୍ରୁଟ୍ କ୍ରସ୍ ମିଳେ । ପର୍ଯ୍ୟଟକ ଚାହିଁଲେ ଏସବୁକୁ ବି ଏଠୁ କିଣି ଆଣିପାରିବେ ।


## କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁବିଧା ଥିଲେ ବି ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ବର୍ଷାଦିନକୁ ଛାଡ଼ି ବାକି ଅନ୍ୟ ସମୟରେ ଏଠାକୁ ଗଲେ ବୁଲିବାର ମଜା ଦ୍ୱିଗୁଣିତ ଲାଗିଥାଏ । ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି । ପନ୍ତନଗର ଏୟାରପୋର୍ଟ ହେଉଛି ଭୱାଲିର ନିକଟବର୍ତ୍ତୀ ବିମାନବନ୍ଦର ; ଯାହାକି ଏହି ସହରଠାରୁ ପ୍ରାୟ ୬୫ କି.ମି ଦୂରରେ ଅବସ୍ଥିତ । ଅନ୍ୟପକ୍ଷେ ଇନ୍ଦିରାଗାନ୍ଧୀ ଇଣ୍ଟର ନ୍ୟାସନାଲ୍ ଏୟାରପୋର୍ଟ ହେଉଛି ଭୱାଲି ନିକଟସ୍ଥ ପ୍ରମୁଖ ଆନ୍ତର୍ଜାତୀୟ ବିମାନବନ୍ଦର । ସେହିପରି କାଠଗୋଦାମ୍ ରେଲୱେ ଷ୍ଟେଶନ ହେଉଛି ଏଠାକାର ନିକଟବର୍ତ୍ତୀ ରେଳଷ୍ଟେଶନ । ଏହାଛଡ଼ା ପର୍ଯ୍ୟଟକ ଚାହିଁଲେ ଟୁରିଷ୍ଟ ବସ୍ ହେଉକି ନିଜ ସାଧନ ଯୋଗେ ମଧ୍ୟ ବେଶ୍ ଆରାମରେ ଯାଇ ଭୱାଲିରେ ପହଞ୍ଚିପାରିବେ ।









**ଏପ୍ରିଲ ମାସ ୧ ତାରିଖକୁ ସାରା ବିଶ୍ୱରେ ‘ଏପ୍ରିଲ ଫୁଲ୍ସ ଡେ’ ଭାବେ ପାଳନ କରାଯାଏ। ଏହା ହେଉଛି ଏମିତି ଏକ ଦିନ ଯାହା ଆମ ଜୀବନରେ ହାସ୍ୟରସ ଭରିଥାଏ। କହିବାକୁଗଲେ ଏହିଦିନଟି ହେଉଛି ହସ-ଖୁସି, ମଜା ମସ୍ତି ଏବଂ ଆନନ୍ଦରେ ଭରପୂର ଦିନଟିଏ। ଏହିଦିନ ଲୋକମାନେ ନିଜର ପ୍ରିୟଜନଙ୍କ ସହ କିଛି ପରିହାସ କରିବା ସହ ସେମାନଙ୍କୁ ଆଶ୍ଚର୍ଯ୍ୟ ଚକିତ କରିବା ତଥା ବୋକା ବନାଇବା ପାଇଁ ନୂଆ ନୂଆ ଉପାୟ ଆପଣାନ୍ତି। ଆଉ ଅତି ପରିଚିତ ସେଇ ମଣିଷଟି ଯେବେ ବୋକା ବନିଯାଆନ୍ତି, ଖୁସିରେ ଚିଲ୍ଲେଇ କି କୁହନ୍ତି ‘ଏପ୍ରିଲ ଫୁଲ୍!’ ଏହି ବୋକା ବନେଇବା ଦିନଟି ଏବେ ସାରା ବିଶ୍ୱରେ ଏକ ଲୋକପ୍ରିୟ ପରମ୍ପରାରେ ପରିଣତ ହୋଇଛି। ହେଲେ ଜାଣନ୍ତି କି ଏହା କେବେ, କେଉଁଠୁ ଓ କିଏ ଆରମ୍ଭ କରିଥିଲେ? ଜାଣନ୍ତୁ ସେ ସମ୍ପର୍କରେ...**




# ଏପ୍ରିଲ ଫୁଲ୍ସ ଡେ’ ପଛର କଥା

**ଇତିହାସ ଏବଂ ଉତ୍ପତ୍ତି:** ଏପ୍ରିଲ ଫୁଲ୍ସ ଡେ’ ଶତାବ୍ଦୀ ଶତାବ୍ଦୀ ଧରି ପାଳିତ ହୋଇଆସୁଥିଲେ ମଧ୍ୟ ଏହାର ପ୍ରକୃତ ଉତ୍ପତ୍ତି ଏବେ ବି ରହସ୍ୟ ହୋଇ ରହିଛି। କେତେକ ଐତିହାସିକ ଅନୁମାନ କରନ୍ତି ଯେ, ଏପ୍ରିଲ ଫୁଲ୍ସ ଡେ’ର ଆରମ୍ଭ ୧୫୮୨ ମସିହାରୁ ହୋଇଥିଲା। ୧୫୬୩ ମସିହାରେ ‘କାଉନସିଲ ଅଫ ଟ୍ରେଣ୍ଟ’ର ନିର୍ଦ୍ଦେଶ ଅନୁସାରେ ଫ୍ରାନ୍ସ, ଜୁଲିଆନ କ୍ୟାଲେଣ୍ଡର ବଦଳରେ ଗ୍ରେଗୋରିଆନ କ୍ୟାଲେଣ୍ଡର ଆପଣାଇଥିଲା। ହିନ୍ଦୁ କ୍ୟାଲେଣ୍ଡର ଭଳି ଜୁଲିଆନ କ୍ୟାଲେଣ୍ଡରରେ ମଧ୍ୟ ନୂତନ ବର୍ଷ ବସନ୍ତ ବିଷୁବ ବା ସ୍ପ୍ରିଙ୍ଗ ଇକୁଇନକ୍ସ ସମୟରେ ଅର୍ଥାତ୍ ଏପ୍ରିଲ ୧ ତାରିଖ ପାଖାପାଖି ଆରମ୍ଭ ହେଉଥିଲା। ହେଲେ ଗ୍ରେଗୋରିଆନ କ୍ୟାଲେଣ୍ଡର ଆପଣେଇବା ଯୋଗୁ ନୂତନ ବର୍ଷର ଆରମ୍ଭ ଏପ୍ରିଲ ୧ ପରିବର୍ତ୍ତେ ଜାନୁଆରୀ ୧କୁ ଘୁଞ୍ଚିଗଲା। ଯେଉଁ ଲୋକମାନେ ଏହି ଖବର ବିଳମ୍ବରେ ପାଇଲେ କିମ୍ବା ନୂଆବର୍ଷ ଜାନୁଆରୀ ୧କୁ ଘୁଞ୍ଚିଯାଇଥିବା କଥା ଜାଣିପାରି ନ ଥିଲେ ସେମାନେ ପୁରୁଣା କ୍ୟାଲେଣ୍ଡର ଅନୁସାରେ ଏପ୍ରିଲ ୧ରେ ନୂଆ ବର୍ଷ ପାଳନ କଲେ। ଫଳରେ ସେମାନଙ୍କୁ ‘ଏପ୍ରିଲ ଫୁଲ’ ବୋଲି କହି ପରିହାସ କରାଗଲା। ଏହି ପ୍ରକାରର ମଜା ମଧ୍ୟରେ ସେମାନଙ୍କ ପଛରେ କାଗଜର ମାଛ ଲଗାଇ ଦିଆଯାଉଥିଲା ଏବଂ ସେମାନଙ୍କୁ ‘ପଏସନ ଡି’ ଆଭ୍ରିଲ’ ବା ‘ଏପ୍ରିଲ ମାଛ’ ବୋଲି କୁହାଯାଉଥିଲା। କୁହାଯାଏ ଯେ, ଏହି ମାଛଟି ଏକ ଛୋଟ, ସହଜରେ ଧରାପଡ଼ି ଯାଉଥିବା ମାଛ ଏବଂ ଅତି ବିଶ୍ୱାସୀ ବା ବୋକା ବ୍ୟକ୍ତିର ପ୍ରତୀକ ।

**ପ୍ରାଚୀନ ରୋମରେ ‘ହିଲାରିଆ’:** ଐତିହାସିକମାନେ ଏପ୍ରିଲ ଫୁଲ୍ସ ଡେ-କୁ ‘ହିଲାରିଆ’ (ଲାଟିନ ଶବ୍ଦରେ ଯାହାର ଅର୍ଥ ହେଉଛି ଆନନ୍ଦଦାୟକ) ଭଳି ପର୍ବ ସହିତ ମଧ୍ୟ ଯୋଡ଼ିଛନ୍ତି। ପ୍ରାଚୀନ ରୋମରେ ମାର୍ଚ୍ଚ ମାସ ଶେଷରେ ‘ସିବେଲେ’ ଦେବୀଙ୍କ ଉପାସକମାନେ ଏହାକୁ ପାଳନ କରୁଥିଲେ। ଏଥିରେ ଲୋକମାନେ ନିଜର ବେଶ ବଦଳାଇ ଅନ୍ୟ ନାଗରିକଙ୍କୁ, ଏପରିକି ସରକାରୀ ପ୍ରଶାସକମାନଙ୍କୁ ମଧ୍ୟ ପରିହାସ କରୁଥିଲେ। କୁହାଯାଏ ଯେ, ଏହା ଇଜିପ୍ଟର ଆଇସିସ୍, ଓସିରିସ୍ ଏବଂ ସେଥ୍‌ଙ୍କ ପୌରାଣିକ କାହାଣୀ ଦ୍ୱାରା ଅନୁପ୍ରାଣିତ ହୋଇଥିଲା।

ଅଷ୍ଟାଦଶ ଶତାବ୍ଦୀରେ ଏପ୍ରିଲ ଫୁଲ୍ସ ଡେ’ ସମଗ୍ର ବ୍ରିଟେନରେ ବ୍ୟାପିଯାଇଥିଲା। ସ୍କଟଲାଣ୍ଡରେ, ଏହି ପରମ୍ପରା ଦୁଇ ଦିନିଆ କାର୍ଯ୍ୟକ୍ରମରେ ପରିଣତ ହୋଇଥିଲା, ଯାହାର ଆରମ୍ଭ ‘ହଣ୍ଟିଂ ଦ ଗୋକ’ରୁ ହୋଇଥିଲା। ଏଥିରେ ଲୋକମାନଙ୍କୁ ମିଥ୍ୟା ବା ବାଜେ କାମରେ ବାହାରକୁ ପଠାଯାଉଥିଲା (‘ଗୋକ’ ଶବ୍ଦଟି କୋଇଲି ପକ୍ଷୀ ପାଇଁ ବ୍ୟବହୃତ ହୁଏ, ଯାହାକୁ ବୋକାମିର ପ୍ରତୀକ ବୋଲି ଧରାଯାଏ)। ଏହାପରେ ‘ଟେଲି ଡେ’ ପାଳନ କରାଯାଉଥିଲା, ଯେଉଁଥିରେ ଲୋକଙ୍କ ପଛପଟେ ବିଭିନ୍ନ ପ୍ରକାରର କୌତୁକିଆ ପ୍ରାଙ୍କ କରାଯାଉଥିଲା। ଯେପରି କି, ସେମାନଙ୍କ ପଛରେ ନକଲି ଲାଞ୍ଜ ଲଗାଇଦେବା କିମ୍ବା ମୋତେ ଗୋଇଠା ମାର (kick me) ଲେଖାଥିବା ପୋଷ୍ଟର ଲଗାଇଦେବା।


ଇଂଲଣ୍ଡରେ ଏପ୍ରିଲ ଫୁଲ୍ସ ଡେ’ର ପ୍ରଥମ ଲିଖିତ ପ୍ରମାଣ ୧୬୮୬ ମସିହାରେ ଜୀବନୀକାର ଜନ ଅବ୍ରେଙ୍କ ଦ୍ୱାରା ମିଳିଥିଲା, ଯିଏ ଏପ୍ରିଲ ୧ କୁ ‘ଫୁଲ୍ସ ହୋଲି ଡେ’ ଭାବେ ବର୍ଣ୍ଣନା କରିଥିଲେ। ୧୮ଶ ଶତାବ୍ଦୀ ବେଳକୁ ଏହି ପରମ୍ପରା ସାରା ବ୍ରିଟେନରେ ବ୍ୟାପିଥିଲା ଏବଂ ୧୯ଶ ଶତାବ୍ଦୀ ସୁଦ୍ଧା ଏହା ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲା। ଏହାର ଉତ୍ପତ୍ତି ଅସ୍ପଷ୍ଟ ହେଲେ ମଧ୍ୟ, ଏପ୍ରିଲ ଫୁଲ୍ସ ଡେ ବର୍ତ୍ତମାନ ଏକ ଅନ୍ତର୍ଜାତୀୟ ସେଲିବ୍ରେସନ୍‌ରେ ପରିଣତ ହୋଇଛି।






# ସାଇକେଲ ଚଳାଉଛି ମାଛ

**ମ**ଣିଷ ତ ଗାଡ଼ି ଚଳାନ୍ତି। ଆଉ ସର୍କସ୍‌ରେ ବିଭିନ୍ନ ପ୍ରକାରର ପ୍ରାଣୀ ସାଇକେଲଠୁ ଆରମ୍ଭ କରି ବାଇକ୍ ଆଦି ଚଳାଉଥିବା ବି ଦେଖିଥିବେ। ହେଲେ କେବେ କୌଣସି ମାଛକୁ ଗାଡ଼ି ଚଳାଉଥିବାର ଦେଖିଛନ୍ତି ? କଥାଟି ଅବାସ୍ତବ ଲାଗିପାରେ। ହେଲେ ନିକଟରେ ଏକ ଇଟାଲୀୟ ମାଛ ଗାଡ଼ି ଚଳାଇ ସମସ୍ତଙ୍କୁ ଚକିତ କରିବା ସହ ରେକର୍ଡ ବି କରିଛି। ସେପୁଣି ଗିନିଜ୍ ୱାର୍ଲଡ ରେକର୍ଡ। ଏବେ ପ୍ରଶ୍ନ ଉଠୁଛି ଯେ, ସେ ଏହି କାର୍ଯ୍ୟକୁ କିପରି ସଫଳ କଲା ?



ନ୍ୟୁୟର୍କ ପୋଷ୍ଟର ରିପୋର୍ଟ ଅନୁଯାୟୀ, ‘ବ୍ଲବ’ ନାମକ ଏହି ଇଟାଲୀୟ ଗୋଲ୍ଡ-ଫିଶ୍‌ଟି ପ୍ରକୃତରେ, ଏକ ‘ମୋସନ ସେନ୍ସିଂ’ ଗାଡ଼ିକୁ ୧ ମିନିଟରେ ୪୦ ଫୁଟ ପର୍ଯ୍ୟନ୍ତ ଚଳାଇ ଏହି ରେକର୍ଡ ହାସଲ କରିଛି। ନେଦରଲାଣ୍ଡର ଥୋମାସ ଡି ଉଲ୍ଫ ଏହି ୪ ଚକିଆ ବିଶିଷ୍ଟ ‘ମୋସନ ସେନ୍ସିଂ’ ଗାଡ଼ିଟିକୁ ପ୍ରସ୍ତୁତ କରିଛନ୍ତି। ଏହି ଗାଡ଼ିରେ ସେ ଏକ ପାଣି ଟାଙ୍କି ଫିଟ୍ କରି, ତା’ ଭିତରେ ଏକ ଗୋଲ୍ଡ ଫିଶ୍‌କୁ ରଖିଥିଲେ। ଗୋଲ୍ଡଫିଶ୍‌ର ହଲଚଲ ହେବା ସହ ଗାଡ଼ିଟି ଆଗକୁ ଗଡ଼ିଥିଲା। ମାଛଟି ଯେତେ ହଲ୍‌ଚଲ୍ ହେଉଥିଲା ଗାଡିଟି ସେତେ ଆଗକୁ ଆଗକୁ ବଢୁଥିଲା। ଏମିତିଭାବେ ମାଛଟି ଗାଡି ଚଳାଇବାରେ ସକ୍ଷମ ହେଲା। ଥୋମାସ ଗିନିଜ ୱାର୍ଲ୍ଡ ରେକର୍ଡକୁ କହିଛନ୍ତି ଯେ, ସେ କେବଳ ଲୋକମାନଙ୍କୁ ଦେଖାଇବାକୁ ଚାହୁଁଥିଲେ ଯେ, ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ କ’ଣ ସବୁ ସମ୍ଭବ ହୋଇପାରେ। ଏହା ଜରୁରୀ ନୁହେଁ ଯେ ଟେକ୍ନୋଲୋଜିର ବ୍ୟବହାର କେବଳ ଗମ୍ଭୀର ବିଷୟଗୁଡ଼ିକ ପାଇଁ କରାଯିବ। ଏଭଳି ମଜାଦାର କିନ୍ତୁ ଅସମ୍ଭବ ଲାଗୁଥିବା କଥା ବି ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ସମ୍ଭବ ହୋଇପାରେ।’



# କୁକୁର ପିନ୍ଧିବେ ଜୋତା

ପାଦକୁ ସୁରକ୍ଷା ପ୍ରଦାନ କରିବା ପାଇଁ ମଣିଷ ଜୋତା ପିନ୍ଧିଥାଏ । ମଣିଷ ଛଡ଼ା କିନ୍ତୁ ଅନ୍ୟ କୌଣସି ପ୍ରାଣୀ ଏହାକୁ ବ୍ୟବହାର କରି ନ ଥାଆନ୍ତି । ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ସୁଇଜରଲାଣ୍ଡ, ଜ୍ୟୁରିଖ୍‌ରେ ପୋଲିସ୍ ପୋଷା କୁକୁରଙ୍କୁ ଜୋତା ପିନ୍ଧାଇବା ଅନିବାର୍ଯ୍ୟ ବୋଲି କରାଇଛନ୍ତି । ସରକାରୀ ଚ୍ୟାନେଲ୍ ଏସ୍‌ଆର୍‌ଏଫ୍ ଅନୁଯାୟୀ ଜ୍ୟୁରିଖ୍ ପୋଲିସ 'ହଟ୍ ଡଗ୍' ନାମକ ଏକ ଅଭିଯାନ ଆରମ୍ଭ କରିଛନ୍ତି । ଏଥିରେ ସେ ଲୋକଙ୍କୁ ସଚେତନ କରାଉଛନ୍ତି ଯେ, ପ୍ରଚଣ୍ଡ ଗରମରୁ ରକ୍ଷା କରିବା ପାଇଁ ନିଜ ନିଜ ପୋଷା କୁକୁରଙ୍କୁ ଜୋତା ପିନ୍ଧାନ୍ତୁ । କାରଣ ଏହି ଗରମରେ ଖାଲି ପାଦରେ ଚାଲିବା ସେମାନଙ୍କ ପାଇଁ ବି କଷ୍ଟକର ହୋଇଯାଉଛି । ଏଠାରେ ଏବେ ରେକର୍ଡ ଭଙ୍ଗା ଗରମ ହେଉଛି । ତାପମାତ୍ରା ୩୦° ରହିଛି, ଯାହାକି ଏହି ଅଞ୍ଚଳ ପାଇଁ ସର୍ବାଧିକ । ୩୦° ହେଲେ ବି ଭୂପୃଷ୍ଠରେ ଏହାର ଅନୁଭବ ୫୦°–୫୫° ହେଉଛି । 'ସ୍ୱିସ୍ ଇନ୍‌ଫୋ' ନ୍ୟୁଜ୍ ୱେବସାଇଟ୍



ଅନୁସାରେ ତ ଏହି ଗରମ ପାଇଁ ଦେଶର ଅଧିକାଂଶ ସ୍ଥାନରେ ମରୁଡି ଦେଖାଦେଇଛି । ସରକାର ଲୋକଙ୍କୁ ଏହି ଗରମରୁ ରକ୍ଷା କରିବା ପାଇଁ ଅନେକ ସେବା ମଧ୍ୟ ପ୍ରଦାନ କରୁଛନ୍ତି । ଏମିତି କ୍ଷେତ୍ରରେ କୁକୁରମାନେ ଖାଲି ପାଦରେ ଚାଲିଲେ ଅନେକ କଷ୍ଟ ଅନୁଭବ କରିବେ । ସେଥିପାଇଁ କୁକୁରଙ୍କୁ ଚପଲ ପିନ୍ଧାଇବାର ନିୟମ କରାଯାଇଛି ।

ବ୍ୟାକ୍ ପେଜ୍



# ଶାମୁକା କାରିଗରି

ନ୍ୟୁୟର୍କର ଆନ୍ନା ଚାନ୍ ଜଣେ ଗହଣା ନିର୍ମାତା ଓ ଡିଜାଇନର୍ । ଗହଣା ଡିଜାଇନ୍ ବାଦ ତାଙ୍କର ରହିଛି ଆଉ ଏକ ସୃଜନଶୀଳ କାର୍ଯ୍ୟ ପ୍ରତି ଆଗ୍ରହ । ଖାଲି ସମୟରେ ସେ ଆନ୍ନା ରବର୍ଟ ମୋଜେସ୍ ଷ୍ଟେଟ୍ ପାର୍କ ଯାଇ ସେଠାକାର ବେଳା ଭୂମିରେ ଘଣ୍ଟା ଘଣ୍ଟା ରହି ପ୍ରଥମେ ସୁନ୍ଦର ସୁନ୍ଦର ଶାମୁକା ସଂଗ୍ରହ କରନ୍ତି । ତା'ପରେ ସାମାନ୍ୟ ଓଦା ବାଲି ଦେଖି ସେହି ବାଲିକୁ କିଛି ପ୍ରାଣୀଙ୍କର ରୂପ ଦିଅନ୍ତି । ଏହାପରେ ବାଲିର ସେହି କଳାକୃତି ଉପରେ ମୋଜାଇକ୍ ଭାବେ ଶାମୁକାଗୁଡ଼ିକୁ ଗୋଟେ ପରେ ଗୋଟେ ଖଞ୍ଜନ୍ତି । ଅନେକ ପରିଶ୍ରମ ପରେ କଳାକୃତିଟି ଏତେ ସୁନ୍ଦର ଓ ଆକର୍ଷକ ହୋଇଯାଏ ଯେ, ତାହା ସତସତିକା ପ୍ରାଣୀ ଭଳି ଲାଗେ । ଏହି କଳାକୃତିକୁ ଦେଖିଲେ ଏହାକୁ ତିଆରି କରିବା ସହଜ ମନେହେଉଥିବ । କିନ୍ତୁ ଏହା ଏତେ ସହଜ ନୁହେଁ । କଳାକୃତି ଅନୁସାରେ ଶାମୁକା ସଂଗ୍ରହ ସହ ଏକାଭଳି ଶାମୁକା ସଂଗ୍ରହ କରିବା ବହୁତ କଷ୍ଟକର । ତା'ଠୁ ବେଶି କଷ୍ଟକର ପ୍ରାଣୀଙ୍କ ଆକାରରେ ବାଲିକୁ ସେଟ୍ କରି ତା' ଉପରେ ଶାମୁକାଗୁଡିକୁ ଏମିତିଭାବେ ସଜାଇ ରଖିବା, ଯେମିତି କି ପ୍ରତିକୃତିଟି ବାସ୍ତବ ଲାଗିବ । ଏହି ପ୍ରତିଭା ଏବେ ତାଙ୍କୁ ନୂଆ ଏକ ପରିଚୟ ବି ଦେଇଛି । ଆନ୍ନାଙ୍କୁ ଗୋଟିଏ ବଡ଼ ପ୍ରତିକୃତି ତିଆରି କରିବା ପାଇଁ ୩ ଦିନରୁ ଏକ ସପ୍ତାହ ସମୟ ଲାଗିଯାଏ ।







# ସ୍ନିକର୍ସ ଅସଲି ନା ନକଲି






ମାଞ୍ଚେଷ୍ଟରରେ ଜନ୍ମିତ ଷ୍ଟିଫ ମୋରିସ ଜଣେ ଅତ୍ୟନ୍ତ ପ୍ରତିଭାଶାଳୀ ବ୍ରିଟିଶ କଳାକାର, ଯିଏ ସ୍ନିକର୍ସ ବା ଜୋତାର ଅବିକଳ ଚିତ୍ର ପ୍ରସ୍ତୁତ କରିବାରେ ପାରଙ୍ଗମ । ତାଙ୍କ କାମ ଏତେ ନିଖୁଣ ଯେ ସେହି ଚିତ୍ରଗୁଡ଼ିକୁ ପାଖରୁ ଦେଖିଲେ ମଧ୍ୟ ସେଗୁଡ଼ିକ ଅସଲି ନା ନକଲି ଚିହ୍ନିବା କଷ୍ଟକର ହୋଇପଡ଼େ । ମୋରିସ୍ କୁହନ୍ତି, 'ସ୍ନିକର୍ସ ପ୍ରତି ମୋର ପିଲାଦିନରୁ ଦୁର୍ବଳତା ଥିଲା । ହେଲେ ଜୋତା ଚିତ୍ର କରି ଯେ, କେବେ ଜୀବିକା ନିର୍ବାହ କରିବି ତାହା ଭାବି ନ ଥିଲି । ବରଂ ଖେଳକୁଦରେ ନିଜର କ୍ୟାରିୟର୍ ଗଢ଼ିବାକୁ ଚାହୁଁଥିଲି । କିନ୍ତୁ ବାରମ୍ବାର ଆହତ ହେବା ଯୋଗୁ ନିଜର ନିଷ୍ପତ୍ତି ବଦଳାଇବାକୁ ବାଧ୍ୟ ହେଲି । ତା'ସହ ଏକ ବିକଳ୍ପ ଯୋଜନା ପ୍ରସ୍ତୁତ କଲି । ପେନ୍ସିଲ ଧରି ନିଜର ପ୍ରିୟ ଜିନିଷଗୁଡ଼ିକର ଚିତ୍ର ଆଙ୍କିବା ଆରମ୍ଭ କଲି । ପ୍ରଥମେ ମୁଁ ମୋ ଘର କାନ୍ଥରେ ଟାଙ୍ଗିବା ପାଇଁ ଏକ 'ନାଇକି କର୍ଟେଜ'ର ଚିତ୍ର ଆଙ୍କିଥିଲି, ଯାହା ସମସ୍ତଙ୍କୁ ପସନ୍ଦ ଆସିଥିଲା । ଏହାପରେ ବିଭିନ୍ନ ପ୍ରକାରର ସ୍ନିକର୍ସ ତିଆରି କରି ଚାଲିଲି । ବଡ଼ ହେବା ସହ ମୋ ପାଖରେ ସ୍ନିକର୍ସ ପେଣ୍ଟିଂର ଅନେକ ସଂଗ୍ରହ ହୋଇଗଲା ।' ଏହି ପେଣ୍ଟିଂ କରିବାର ନିଶା ତାଙ୍କର ଏତେ ଥିଲା ଯେ, ଯେବେ ସେ ଜଣେ ଗ୍ରାଫିକ ଡିଜାଇନର୍ ଭାବେ କାମ କରୁଥିଲେ ଷ୍ଟିଫଙ୍କୁ 'ରିବକ' କମ୍ପାନୀ ପକ୍ଷରୁ ନ୍ୟୁୟର୍କରେ ଏକ ଇଭେଣ୍ଟରେ ଯୋଗ ଦେବା ପାଇଁ ନିମନ୍ତ୍ରଣ ମିଳିଥିଲା । ହେଲେ ସେଠାକୁ ଯିବା ପାଇଁ ତାଙ୍କୁ ଅଫିସରୁ ଛୁଟି ମିଳି ନ ଥିଲା । ତେଣୁ ସେ ଚାକିରି ଛାଡ଼ି ପୂରା ସମୟ ଚିତ୍ରକଳାରେ ମନୋନିବେଶ କରିଥିଲେ । ଆଉ ଏବେ ସେ ସ୍ନିକର୍ସ ପେଣ୍ଟିଂରେ ବେଶ୍ ପ୍ରସିଦ୍ଧି ହାସଲ କରିପାରିଛନ୍ତି ।